Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈଦ୍ୟୁତିକ ସଂସ୍କରଣ

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

ଆବଶ୍ୟକ

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର' ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204, Sec-16,Rkl, Mob:9439951525, Email: utkalsamachar@gmail.com

✦Vol - 19✦ Issue No:288✦22 February 2024 (Thursday) ✦ Rourkela ✦ Rs.2.00 ✦ Page -6 ✦୧୯ ବର୍ଷ ✦ସଂଖ୍ୟା :୨୮୮✦୨୨ ଫେବୃଆରୀ ୨୦୨୪ (ଗୁରୁବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ବିଧାନସଭା ଓ ଲୋକସଭା ଆସନରେ ୫୦% ମହିଳାଙ୍କୁ ଟିକଟ ଦେବ କଂଗ୍ରେସ: ଅଳକା ଲାମ୍ବା

ନୂଆଦିଲ୍ଲୀ, ୨୧/୨: ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ଣତା ସେତିକି ବୃଦ୍ଧି ପାଇବାରେ ଲାଗିଛି । ଏଥିପାଇଁ ବିଭିନ୍ନ ରାଜନୈତିକ ଦଳ ପଷ୍ଚାତ୍ପ୍ରସ୍ତୁତି ଜୋରଦାର ଚାଲିଛି । ଏଥିମଧ୍ୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ମହିଳା ସଭାନେତ୍ରୀ ଅଳକା ଲାମ୍ବାଙ୍କ ନେତୃତ୍ୱରେ କଂଗ୍ରେସ ଭବନରୁ ନବୀନ ନିବାସ ଅଭିମୁଖେ ପଦଯାତ୍ରାରେ ବାହାରିଛନ୍ତି ହଜାର ହଜାର ନେତା ଓ କର୍ମୀ । ବିଜେଡ଼ି ଶାସନରେ ମହିଳାମାନେ ଅସୁରକ୍ଷିତ, ଦିନକୁ ଦିନ ମହିଳାଙ୍କ ପ୍ରତି ଅତ୍ୟାଚାର ବୃଦ୍ଧି ପାଉଥିବା ଅଭିଯୋଗ ଆଣି ନବୀନ ନିବାସ ଘେରାଉ କରିବାକୁ ବାହାରିଛି କଂଗ୍ରେସ । ଏହା ପୂର୍ବରୁ କଂଗ୍ରେସ ଭବନ ସାମ୍ନାରେ ଏକ ବିଶାଳ ମହିଳା ସମାବେଶ କରାଯାଇଥିଲା । ଏହି ସମାବେଶରେ ନାରୀ ନିର୍ଯାତନା ଓ ହିଂସା ପ୍ରସଙ୍ଗରେ ଭଲ୍ଲେ ଦ୍ରେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ଅଳକା ଲାମ୍ବା । ଏହି ବିଶାଳ ସଭାକୁ ଉଦ୍ବୋଧନ ଦେଇ ସେ କହିଥିଲେ କଂଗ୍ରେସ ବିଧାନସଭା ଓ ଲୋକସଭା ଆସନରେ ୩୩ ନୁହେଁ ୫୦% ମହିଳାଙ୍କୁ ଟିକଟ ଦେବ କଂଗ୍ରେସ । ନିକଟରେ ରାହୁଲ ଗାନ୍ଧୀ ଓଡିଶା ଗସ୍ତରେ ଆସି ଦଳୀୟ କର୍ମୀଙ୍କୁ ଗୁରୁ ମନ୍ତ୍ର ଦେଇଥିଲେ । ତାଙ୍କ ପରାମର୍ଶ ଅନୁଯାୟୀ ଓଡ଼ିଶାରେ ମହିଳା ଓ କଂଗ୍ରେସର ମହିଳା ନେତ୍ରୀମାନଙ୍କୁ ଜଣନୀତି ସମ୍ପର୍କରେ ଅବଗତ କରାଯିବ ବୋଲି ଅଳକା ଲାମ୍ବା କହିଛନ୍ତି । ସେହିପରି ମହିଳା କଂଗ୍ରେସର ଓଡ଼ିଶା ଶାଖାର କାର୍ଯ୍ୟକାରିଣୀ ବୈଠକ ବସି ଏହାକୁ ପୁର୍ନଗଠନ କରାଯିବ ବୋଲି ସେ କହିଛନ୍ତି ।

ଚଳିତ ମାସରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

ଚଣ୍ଡିଖୋଲରେ ସାଧାରଣ ସଭାକୁ କରିବେ ସମ୍ବୋଧନ !

ନୂଆଦିଲ୍ଲୀ, ୨୧/୨: ଆଗକୁ ୨୦୨୪ ସାଧାରଣ ନିର୍ବାଚନ ରହିଥିବା ବେଳେ ରାଜ୍ୟ ରାଜନୀତି ଏବେ ପୁରା ସରଗରମ । ଗୋଟିଏ ପଟେ ଶାସକ ବିଜେଡି ପୁଣିଥରେ କ୍ଷମତାକୁ ଆସିବା ନେଇ ବରୋଜି ଦେଖୁଥିବା ବେଳେ ଅନ୍ୟପଟେ ସରକାର ଗଢିବା ଆଶା ରଖି ଉଭୟ ମୁଖ୍ୟ ବିରୋଧୀ ବିଜେପି ଓ କଂଗ୍ରେସ ନିଜ ନିଜର ପ୍ରସ୍ତୁତି ଜୋରଦାର କରିଛନ୍ତି । ନିକଟରେ କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଓ ବଦ୍ଧର ହାଇକମାଣ୍ଡ ରାହୁଲ ଗାନ୍ଧୀ ଓଡିଶା ଗସ୍ତ କରିଥିବା ବେଳେ ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଏକାଧିକ କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଗସ୍ତ କରିସାରିଛନ୍ତି । ତେବେ ଏହାରି ଭିତରେ ପୁଣିଥରେ ଏହି ମାସରେ ଓଡ଼ିଶା ଆସୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଚଳିତ ମାସ ଶେଷ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ମିଳିଛି । ସୂତନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫେବୃଆରୀ ୨୮ ତାରିଖ ପାଖାପାଖି ଓଡ଼ିଶା ଗସ୍ତରେ ଆସି ପାରନ୍ତି । ପ୍ରଥମେ ସେ ପୁରୀ ଯାଇ ଜଗନ୍ନାଥ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବାବେଳେ ପରେ ଚଣ୍ଡିଖୋଲରେ ସାଧାରଣ ସଭାକୁ ସମ୍ବୋଧନ କରିବେ । ଖୁବ୍ ?ଶୀଘ୍ର ଏନେଇ ବୃତାନ୍ତ ତାରିଖ ଧାର୍ଯ୍ୟ କରାଯିବ ବୋଲି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି । ସୂଚନା ଥାଇକି, ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫେବୃଆରୀ ୩ରେ ଓଡ଼ିଶା ଗସ୍ତ କରିଥିଲେ । ଏହି ଅବସରରେ ସେ ସମ୍ବଲପୁର ଆଇଆଇଏମର ସ୍ଥାୟୀ କ୍ୟାମ୍ପସ ଉଦ୍‌ଘାଟନ କରିବା ସହ ରେମେଡ ପଡ଼ିଆରେ ଏକ ବିଶାଳ ଜନସଭାକୁ ସମ୍ବୋଧିତ କରିଥିଲେ । ତେବେ ମୋଦୀଙ୍କ ପରେ ଆହୁରି ଆଗକୁ ବିଜେପିର ବହୁ ଶୀର୍ଷ ନେତୃତ୍ୱ ଓ ପଦାଧିକାରୀ ବ୍ୟକ୍ତି ଓଡ଼ିଶା ଆସିବା ନେଇ ସୂଚନା ରହିଛି ।

ଆଜି ସାରା ରାଜ୍ୟକୁ ଯୋଡିଲା ଲକ୍ଷ୍ମୀ ବସ୍

୩୦ ଜିଲ୍ଲାରେ ଚାଲିଲା ୧୩୫୪ଟି ବସ୍

ଭୁବନେଶ୍ୱର, ୨୧/୨: ପ୍ରତ୍ୟେକ ଗାଁରେ ଲକ୍ଷ୍ମୀ ବସ୍ ପହଞ୍ଚାଇବା ଲକ୍ଷ୍ୟ ନେଇ ଗୋଟିଏ ପରେ ଗୋଟିଏ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଆରମ୍ଭ କରି ଶେଷରେ ସାରା ଓଡ଼ିଶାକୁ ଯୋଡ଼ିଛନ୍ତି ରାଜ୍ୟ ସରକାର । ବହୁ ଅପେକ୍ଷା ପରେ ଆଜି ରାଜ୍ୟର ସମସ୍ତ ୩୦ ଜିଲ୍ଲାରେ ଚାଲିଛି ଲକ୍ଷ୍ମୀ ବସ । ଯାହାକୁ ନେଇ ସାରା ରାଜ୍ୟବାସୀ ଆଜି ନିଜର ଖୁସି ବ୍ୟକ୍ତ କରିଛନ୍ତି । ସୂଚନା ଥାଇକି, ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍‌ସିଂ କରିଆରେ ବାଲେଶ୍ୱର, ଜଗତସିଂହପୁର, ଗଞ୍ଜାମ, ନୂଆପଡା ଓ ବୌଦ୍ଧ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ୫ଟି ଜିଲ୍ଲାର ୧୦୫୫ଟି ପଂଚାୟତରେ ୨୫୫ଟି ବସ୍ ଚାଲୁ ହୋଇଛି ଏବଂ ଏହା ଦ୍ୱାରା ପ୍ରାୟ ୭୧ ଲକ୍ଷରୁ ଅଧିକ ଲୋକ ଉପକାର ପାଇବେ । ତେବେ ବାଲେଶ୍ୱର ଜିଲ୍ଲାର ୩୧୫ଟି ପଂଚାୟତରେ ୪୮ଟି ବସ୍ ଚାଲୁ ହୋଇଛି । ଏଥିରେ୨୦ଲକ୍ଷ ୪୨ ହଜାର ଲୋକ ଉପକୃତ ହେବେ । ସେହିପରି ନୂଆପଡାର ୧୨୩ଟି ପଂଚାୟତରେ ୨୫ଟି ବସ୍ ? ଚାଲୁ ହୋଇଛି ଓ ୫ ଲକ୍ଷ ୭୪ ହଜାର ଲୋକ ଏଥିରୁ ଉପକୃତ ହେବେ । ଅନ୍ୟପଟେ ବୌଦ୍ଧର ୫୫ଟି ପଂଚାୟତରେ ୧୦ଟି ବସ୍ ? ଚାଲୁ ହୋଇଛି ଏବଂ ପ୍ରାୟ ୩ ଲକ୍ଷ ୫୩ ହଜାର ଲୋକ ଏହା ଦ୍ୱାରା ଉପକୃତ ହେବେ । ସେପଟେ ଗଞ୍ଜାମର ୪୩୩ଟି ପଂଚାୟତରେ ୧୩୦ଟି ବସ୍ ? ଚାଲୁ ହୋଇଛି । ଏହା ଦ୍ୱାରା ୩୪ ଲକ୍ଷ ୪୭ ହଜାର ଲୋକ ଉପକୃତ ହେବେ । ଏହି ପରି ଭାବେ ଜଗତସିଂହପୁରର ୧୩୧ଟି ପଂଚାୟତରେ ମଧ୍ୟ ୪୨ଟି ବସ୍ ? ଚାଲୁ ହୋଇଛି । ଏହା ଦ୍ୱାରା ପ୍ରାୟ ୭ ଲକ୍ଷ ୫୦ ହଜାର ଲୋକ ଉପକୃତ ହେବେ । ତେବେ ଏହା ଫଳରେ ଆଜି ଓଡିଶାର ସମସ୍ତ ୩୦ଟି ଜିଲ୍ଲାରେ ଲକ୍ଷ୍ମୀ ବସ୍ ? ଚଳାଚଳ ଆରମ୍ଭ କରିଛି । ସମୁଦାୟ ୩୦ଟି ଜିଲ୍ଲାରେ ୧୩୫୪ଟି ବସ୍ ? ଚାଲିବା ଆରମ୍ଭ

'ରାଷ୍ଟ୍ରୀୟ ଉଦ୍ୟମିତା ବିକାଶ ପରିଯୋଜନା'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ଦେଶର କ୍ଷୁଦ୍ର ବ୍ୟବସାୟୀଙ୍କୁ ଧନୀ କରିବା ମୋଦିଜୀଙ୍କ ଗ୍ୟାରେଣ୍ଟି:ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୨୧/୨: ଦେଶର କ୍ଷୁଦ୍ର ବ୍ୟବସାୟୀଙ୍କୁ ଧନୀ ଓ ସାମ୍ପନ୍ନ କରିବା ମୋଦିଜୀଙ୍କ ଗ୍ୟାରେଣ୍ଟି ହୋଇଛି ବୋଲି ମଙ୍ଗଳବାର ସମ୍ବଲପୁରରେ ପିଏମ ସ୍ୱନିଧି ଯୋଜନାର ହିତାଧିକାରୀଙ୍କ ପାଇଁ ରାଷ୍ଟ୍ରୀୟ ଉଦ୍ୟମିତା ବିକାଶ ପରିଯୋଜନାର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପିଏମ ସ୍ୱନିଧି ଯୋଜନାର ହିତାଧିକାରୀଙ୍କ ସହ ଆଲୋଚନା କରିବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ରାସ୍ତା କଡରେ ବିକୁଥିବା ଉଠା ଦୋକାନୀ ଓ ଗାଡି ବ୍ୟବସାୟୀଙ୍କ ଦାୟିତ୍ୱ ନେଇଛନ୍ତି । ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ଆଜି ଛୋଟ ଛୋଟ ବ୍ୟବସାୟୀଙ୍କ ପାଇଁ ନୂଆ ଭର୍ଜାର କିରଣ ହୋଇଛି । ପ୍ରଧାନମନ୍ତ୍ରୀ ମୋଦି ସ୍ପଷ୍ଟ ପିଲାବେଳେକ ଜଣେ ରାସ୍ତାକଡର ବ୍ୟବସାୟୀଙ୍କ ପରି ଜୀବନ ଅତିବାହିତ କରିଥିବା କାରଣରୁ ସେମାନଙ୍କ ଦୁଃଖ ଓ କଷ୍ଟକୁ ଅନୁଭବ କରିଥିଲେ । ତାଙ୍କ ମାର୍ଗଦର୍ଶନରେ ଶୁଭାରମ୍ଭ ହୋଇଥିବା ରାଷ୍ଟ୍ରୀୟ ଉଦ୍ୟମିତା ବିକାଶ ପରିଯୋଜନା ଉଦ୍ଦେଶ୍ୟ ହେଉଛି ରାସ୍ତାକଡ଼ ଦୋକାନୀମାନଙ୍କୁ ଦକ୍ଷ କରି ସେମାନଙ୍କ ଜୀବନ ଓ ବ୍ୟବସାୟକୁ ସହଜ କରିବା । ଏହି ଯୋଜନା ଅଧୀନରେ ଭାରତ ସରକାର କ୍ଷୁଦ୍ର ଲେଣ୍ଡର ଏବଂ କ୍ଷୁଦ୍ର ଦୋକାନୀମାନଙ୍କୁ ଦକ୍ଷ କରିବା ପାଇଁ ଫ୍ରିପାର୍ଟ ସହ ବୁଝାମଣା କରିଛନ୍ତି । ଦେଶର ସମ୍ବଲପୁର ସମେତ ୧୦ଟି ବଡ଼ ସହରରୁ ବ୍ୟବସାୟରେ ନୂତନ ଜ୍ଞାନକୌଶଳର ବ୍ୟବହାର ପାଇଁ ରାସ୍ତାକଡ଼ ବିକାଳୀ ମାନଙ୍କୁ ପ୍ରଶିକ୍ଷଣ ଓ ଷ୍ଟାଇପେଣ୍ଡ ରାଶି ପ୍ରଦାନ କରାଯିବ । ସବକା ସାଥ୍ ଓ ସବକା ବିଶ୍ୱାସ ମନ୍ତ୍ରରେ ପ୍ରଧାନମନ୍ତ୍ରୀ ମୋଦି ରାସ୍ତାକଡ଼ ବିକାଳୀଙ୍କ ପାଇଁ ଯାହା କରିଛନ୍ତି ତାହା କୌଣସି ସରକାର ଦଶନ୍ଧି ଦଶନ୍ଧି ଧରି କରିନାହାଁନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

ବିଶ୍ୱସ୍ତରୀୟ ହେବ ବାରବାଟୀ ଷ୍ଟାଡିୟମ୍

ସମ୍ପୂର୍ଣ୍ଣ ଭଙ୍ଗାଯାଇ ନୂଆ ତିଆରି ହେବ

କଟକ, ୨୧/୨(ନି/ପ୍ର): ସମ୍ପୂର୍ଣ୍ଣ ଭଙ୍ଗାଯାଇ ନୂଆ କରି ତିଆରି ହେବ ବାରବାଟୀ ଷ୍ଟାଡିୟମ୍। ଭଙ୍ଗାଯିବା ନେଇ ସୂଚନା ଦେଇଛନ୍ତି ଓସିଏ ସମ୍ପାଦକ ସଞ୍ଜୟ ଦେହେରା । ଓସିଏ ସମ୍ପାଦକ କହିଛନ୍ତି ଯେ ଷ୍ଟାଡିୟମ ସମ୍ପୂର୍ଣ୍ଣ ଭଙ୍ଗାଯାଇ ବିଶ୍ୱସ୍ତରୀୟ ଷ୍ଟାଡିୟମ ଭାବେ ନିର୍ମାଣ କରାଯିବ । ନୂଆ ଷ୍ଟାଡିୟମରେ ଅଧିକ ଦର୍ଶକ ବଶିବାର କ୍ଷମତା ରହିବ । ବର୍ତ୍ତମାନ ଷ୍ଟାଡିୟମରେ ୪୨ହଜାର ଦର୍ଶକଙ୍କ କ୍ଷମତା ଥିବା ବେଳେ ଏହାକୁ ବଢାଯାଇ ୬୦ହଜାରଦର୍ଶକ ବଶିବା ଭଳିବ୍ୟବସ୍ଥା କରାଯିବ । ୧୯୫୨ ମସିହାରେ ଷ୍ଟାଡିୟମର ମୂଳଭିତ୍ତି ତିଆରି ହୋଇଥିଲା । ଏବେସମ୍ପୂର୍ଣ୍ଣଭାବରେ ଭିତାରିକରାଯାଇ ପାରିବନିବୋଲିଓସିଏ ସମ୍ପାଦକକହିଛନ୍ତି।

ଆବଶ୍ୟକ

ଉତ୍କଳ ସମାଚାର

www.theutkalsamachar.com

ଦୈନିକ ପ୍ରକାଶିତ ଖବରକାଗଜ 'ଉତ୍କଳ ସମାଚାର' ପାଇଁ ପାରାଦ୍ୱୀପ, ଝାରସୁଗୁଡ଼ା,ପୁରୀ, ବାଲେଶ୍ୱର ପାଇଁ ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No:B/204, Sec-16, Rkl

Mob: 9439951525

email-utkalsamachar@gmail.com

ମୁଖ୍ୟମନ୍ତ୍ରୀ ଏବଂ ୫ଟି ଅଧକ୍ଷଙ୍କୁ ଭେଟିଲେ ଦେବାଶିଷ ଓ ଶୁଭାଶିଷ

ଭୁବନେଶ୍ୱର, ୨୧/୨ (ନି/ପ୍ର): ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ମୁଖ୍ୟମନ୍ତ୍ରୀ ଏବଂ ୫ଟି ଅଧକ୍ଷଙ୍କୁ ଭେଟିଛନ୍ତି ବିଜେଡି ନେତା ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଟିଆ । ଆଜି ନବୀନ ନିବାସରେ ଏହି ଭେଟଘାଟ ହୋଇଥିବା ଦେଖିବାକୁ ମିଳିଛି । ରାଜ୍ୟସଭାକୁ ସାଂସଦ ହୋଇ ଯିବାର ସୁଯୋଗ ପାଇଥିବାରୁ ଉଭୟ ଦେବାଶିଷ ଓ ଶୁଭାଶିଷ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ସୂଚନା ଥାଇକି, କଟକ -ବାରବାଟୀର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ପୁରୀ ଜିଲ୍ଲା ବିଜେଡି ଯୁବମୋର୍ଚ୍ଚାର ଶୁଭାଶିଷ ଖୁଟିଆଙ୍କୁ ରାଜ୍ୟସଭା ପ୍ରାର୍ଥୀ ଭାବେ ମନୋନୀତ କରିଥିଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ତେବେ ସେମାନଙ୍କ ବିରୋଧରେ ଅନ୍ୟ ବିଜୁଣିସି ପ୍ରାର୍ଥୀ ନ ଥିବାରୁ ଆଜି ରାଜ୍ୟସଭା ନିର୍ବାଚନର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନରେ ସେମାନଙ୍କୁ ନିର୍ବାଚିତ ଘୋଷଣା କରିଛନ୍ତି ରିଟର୍ଣ୍ଣିଂ ଅଫିସର । ଏନେଇ ଅପରାହ୍ନ ସମୟରେ ଘୋଷଣା କରାଯାଇଥିଲା । ସେପଟେ ବିଜେଡିର ଏହି ୨ ପ୍ରାର୍ଥୀଙ୍କ ସହ ବିଜେପି ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ନିର୍ବାଚିତ ହୋଇଛନ୍ତି । ଆଉ ବିଧିବଦ୍ଧ ଭାବେ ଆଜି ସମସ୍ତେ ସାର୍ଟିଫିକେଟ୍ ଗ୍ରହଣ କରିଛନ୍ତି । ଆଗକୁ ସେମାନେ ରାଜ୍ୟସଭା ସଦସ୍ୟ ଭାବେ ଶପଥ ନେବାର କାର୍ଯ୍ୟକ୍ରମ ରହିଛି । ତେବେ ଅଶ୍ୱିନୀ ବିଜେପି ପକ୍ଷରୁ ପ୍ରାର୍ଥୀ ହୋଇଥିବା ବେଳେ ସେ ବିଜେଡି ସମର୍ଥନରେ ପୁଣିଥରେ ରାଜ୍ୟସଭା ଯିବାକୁ ସୁଯୋଗ ପାଇଛନ୍ତି ।

ପଦ୍ମ ଧରିଲେ ପ୍ରଦୀପ

ଭୁବନେଶ୍ୱର, ୨୧/୨ (ନି/ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତିରେ ବଡ଼ ଧରଣର ପରିବର୍ତ୍ତନ ଦେଖାଦେଇଛି । ବର୍ତ୍ତମାନ ଗୋପାଳପୁର ବିଧାୟକ ପ୍ରଦୀପ ପ୍ରାଣିଗ୍ରାହୀ ବିଜେପିରେ ସାମିଲ ହୋଇଛନ୍ତି । ସେ ରାଜ୍ୟ ବିଜେପି ସଭାପତିଙ୍କ ଉପସ୍ଥିତିରେ ବିଜେପିରେ ଯୋଗ ଦେଇଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ସେ ବିଜେପିରେ ସାମିଲ ହୋଇଛନ୍ତି । ଜନ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ବହିଷ୍କୃତ ହୋଇଥିଲେ । ୨୦୨୦ ନଭେମ୍ବର ୨୯ରେ ସେ ବିଜେଡିରୁ ବହିଷ୍କୃତ ହୋଇଥିଲେ । ତେବେ ଏତେ ବର୍ଷର ଅବଧି ମଧ୍ୟରେ ସେ ବର୍ତ୍ତମାନ ବିଜେପିରେ ସାମିଲ ହୋଇ ଖୁସି ଅନୁଭବ କରୁଛନ୍ତି ।

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: [06767] 253316
Email: utkalsamachar@gmail.com, Mob: 9437086122

ମାଟ୍ରିକ ପରୀକ୍ଷା ଆରମ୍ଭ, ବନ୍ଦି ରୋକିବା ପାଇଁ ତ୍ରିସ୍ତରୀୟ ବ୍ୟବସ୍ଥା

ଖୋର୍ଦ୍ଧା,୨୧/୨(ନି/ପ୍ର): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ବାର୍ଷିକ ସାର୍ଟିଫିକେଟ ପରୀକ୍ଷା ଆରମ୍ଭ ହୋଇଛି । ତେବେ ଶିକ୍ଷା ବିଭାଗ ପକ୍ଷରୁ ଶୃଙ୍ଖଳିତ ଓ ସୁପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି । ଆଜି ଠାରୁ ଆରମ୍ଭ ହୋଇଥିବା ଏହି ପରୀକ୍ଷା ମାର୍ଚ୍ଚ ୪ ତାରିଖ ଯାଏ ଚାଲିବ । ପ୍ରଥମ ଥର ଲାଗି ବେଡ଼ ଫଟା ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ରକୁ ଆସିବା ପାଇଁ ନିୟମ ହୋଇଛି । ସକାଳ ସାଢେ ଚାରିଟାରେ ଛାତ୍ରୀଛାତ୍ରମାନେ ପରୀକ୍ଷା ହଲରେ ପ୍ରବେଶ କରିବେ । ୮ଟା ୩୦ରେ ପ୍ରଶ୍ନପତ୍ର ବଣ୍ଟାଯିବ । ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ପୂର୍ବାହ୍ନ

C-

OFFICE OF THE MUNICIPAL COUNCIL, SONEPUR

Office Order

Executive Officer,
Sonepur Municipality

OIPR-13098/11/0030/2324

i-626

GOVT. OF ODISHA
DEPARTMENT OF PANCHAYATI RAJ & DRINKING WATER
OFFICE OF THE PANCHAYAT SAMITI, SADAR, SUNDARGARH

Block Development Officer
Sadar, Sundargarh

OIPR- 19345/11/0003/2324

O-2582

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH

TENDER CALL NOTICE

OIPR- 25193/11/0013/2324

O-2587

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH

Superintending Engineer
RW Division-II, Sundargarh

OIPR- 25193/11/0014/2324

ନଦୀରେ ବୁଡି ହୋଇଥିଲେ ନିଖୋଜ : ୩ ଦିନ ପରେ ମିଳିଲା ମୃତଦେହ

ବଡବିଲ,୨୧/୨(ନି/ପ୍ର): କେନ୍ଦୁଝର ଜିଲ୍ଲା ବଡବିଲ ଥାନା ହାୟାରପୁରରେ ଅଜାବନୀୟ ଘଟଣା ଘଟିଛି । ନଦୀରେ ବୁଡି ନିଖୋଜ ହେବାର ୩ ଦିନ ପରେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ବୁଲୁ ମୁଣ୍ଡା ବୋଲି ଜଣାପଡିଛି । ସୂଚନା ଅନୁସାରେ ବୁଲୁ ୨ ଦିନ ତଳେ ଗାଁର କିଛି ଯୁବକଙ୍କ ସହ ମିଶି ଗାଁ ନିକଟରେ ଥିବା କାରୋ ନଦୀକୁ ମାଛ ଧରିବାକୁ ଯାଇଥିଲେ । କୌଣସି ଅସାବଧାନତା କାରଣରୁ ବୁଲୁଙ୍କ ଗୋଡ ଖସି ଯାଇଥିଲା । ଦୁଇ ଦିନ ହେବ ବୁଲୁ ନଦୀରେ ବୁଡି ନିଖୋଜ ରହିଥିଲେ । ବୁଧବାର ସକାଳୁ କିଛି ସ୍ଥାନୀୟ ଲୋକ ବୁଲୁଙ୍କ ମୃତଦେହ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ । ପରେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଂଚି ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତଦେହ ଉଦ୍ଧାର କରିଛି ।

ପଲସ ପୋଲିଓ ଟୀକାକାରଣ ନିମନ୍ତେ ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

ଭବାନୀପାଟଣା,୨୧/୨(ନି/ପ୍ର) : ଆସନ୍ତା ମାର୍ଚ୍ଚ ମାସ ୩ ତାରିଖରେ ଆରମ୍ଭ ହେବାକୁ ଥିବା ପଲସ ପୋଲିଓ ଟୀକାକରଣ ନିମନ୍ତେ ଜିଲ୍ଲାପାଳ ଡି. ଅନ୍ନେଶା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସଙ୍ଗିଜନୀ ଗୃହରେ ଆଜି ଜିଲ୍ଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ନିହାରେନ୍ଦୁ ପଣ୍ଡା, ସି ଡି ଓ ଜିଲ୍ଲାପରିଷଦ ମଧୁଛନ୍ଦା ସାହୁ, ଡି ପି ଏଚ ଓ ଡଃ. ରାକେଶ ସାହୁ, ଡି.ଏମ ଓ ଡ ରଂଜନ ମିତ୍ର, ଏ ଡି ପି ଏଚ ଓ ଡଃ. ମୋନୋ ମାଝୀ, ଡି ଆର ପି ଆର୍ ଓ ମନୋଜ ବେହେରାଙ୍କ ସମେତ ଜିଲ୍ଲା ଏବଂ ବ୍ଲକର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ, ସ୍ୱାସ୍ଥ୍ୟ କର୍ମୀ, ଶିକ୍ଷା ବିଭାଗ, ସମନ୍ୱିତ ଶିଶୁ ବିକାଶ ବିଭାଗ, ପରିବହନ ବିଭାଗ, ସମାଜ ମଙ୍ଗଳ ବିଭାଗ, ବିଦ୍ୟୁତ ବିଭାଗ, ସମାଜସେବୀ ସଂଗଠନର କର୍ମୀମାନେ ଯୋଗ ଦେଇଥିଲେ । ଭାରତ ବର୍ଷ ଆଜି ଏକ ପୋଲିଓ ମୁକ୍ତ ଦେଶ ଅଟେ, କିନ୍ତୁ କେତେକ ଦେଶରେ ଏବେବି ପୋଲିଓ ରୋଗୀ କନ୍ଦୁ ହେଉଛନ୍ତି ତାହା କେବେ ବି ଆମ ଦେଶରେ ଦେଖାଦେଇପାରେ । ସମ୍ପୂର୍ଣ୍ଣ ପୋଲିଓ ନିରାକରଣ ପାଇଁ ଜିଲ୍ଲାରେ ମାର୍ଚ୍ଚ ମାସ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ୦ ରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁ ମାନଙ୍କୁ ପୋଲିଓ ଦୁଆ ଦିଆଯିବ । ସମସ୍ତ ଦୁଆ ମାନଙ୍କରେ ମାର୍ଚ୍ଚ ୩ ତାରିଖରୁ ଏବଂ ମୋବାଇଲ ଟିମ୍ ଓ ଘରକୁ ଘର ଯାଇ ଅଙ୍ଗନବାଡ଼ି କର୍ମୀ ଓ ନିୟୋଜିତ କର୍ମଚାରୀ ପୋଲିଓ ଦୁଆ ଖୁଆଇବା ପାଇଁ ଗସ୍ତ କରିବେ । ପ୍ରତ୍ୟେକ ଶିଶୁଙ୍କୁ ଦୁଇ ଦୁଆ ପୋଲିଓ ଟୀକା ଦିଆଯିବ । ଏହି ଅଭିଯାନର ବିଶେଷ ପ୍ରଚାର ପ୍ରସାର ପାଇଁ ଲିଫ୍ଲେଟ୍, ପୋଷ୍ଟର ସହ ହାଇବାଜି ଯନ୍ତ୍ର ଯୋଗେ ଘୋଷଣା, ଦୁଆ ମାନଙ୍କରେ ସବିଶେଷ ବ୍ୟବସ୍ଥା, ଟୀକା ପରିବହନ ବ୍ୟବସ୍ଥା, ମନିଟରିଂ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଗଲା ।

ବନ୍ଧୁକ ଦେଖାଇ ଲୁଟି ନେଲେ ନଗଦ ଟଙ୍କା ସହ ୧୦ ଲକ୍ଷ ଟଙ୍କାର ଅଳଙ୍କାର

ଜଳେଶ୍ୱର,୨୧/୨(ନି/ପ୍ର): ଜଳେଶ୍ୱର-ରାଜଘାଟ ଓଡି ରୋଡରେ ବାଇକରେ ଯାଉଥିବା ଜଣେ ବ୍ୟବସାୟୀଙ୍କୁ ୩ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ତାଙ୍କ ଠାରୁ ନଗଦ ଟଙ୍କା ସହ ମୋଟ ୧୦ ଲକ୍ଷ ଟଙ୍କା ମୂଲ୍ୟର ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି । ବିବରଣୀରୁ ପ୍ରକାଶ ଯେ ମହମ୍ମଦ ନଗର ପାଟଣା ଫଟାୟତର ନୂଆଗାଁ ଗ୍ରାମର ଚନ୍ଦନ ରଣା ନାମକ ଜଣେ ଯୁବକ ସ୍ଥାନୀୟ ରାଜପୁର ଫଟାୟତର ବଳରାମପୁର ଛକରେ ଏକ ଅଳଙ୍କାର ଦୋକାନ କରିଛନ୍ତି । ଗତକାଲି ରାତି ପ୍ରାୟ ୯ ଟା ସମୟରେ ସେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ଘର ଠାରୁ ମାତ୍ର କିଛି ଦୂରରେ ଅର୍ଥାତ୍ ନୂଆଗାଁ ବସଷ୍ଟପ ନିକଟରେ ଏକ ବାଇକରେ ୩ ଜଣ ଯୁବକ ତାଙ୍କୁ ପିଛା କରି ଅଟକାଇଥିଲେ । ବନ୍ଧୁକ ଦେଖାଇ ତାଙ୍କ ବାଇକର ଡିକି ଭାଙ୍ଗି ନଗଦ ଟଙ୍କା ଓ ଅଳଙ୍କାର ଲୁଟି ନେଇ ୧୬ ନମ୍ବର ଜାତୀୟ ରାଜପଥ ଆଡ଼କୁ ପଳାଇଥିଲେ । ଏହି ସମୟରେ ଅନ୍ୟ ଜଣେ ବାଇକ୍ ଆରୋହୀ ଏହି ଦୁର୍ବୃତ୍ତମାନଙ୍କୁ ପିଛା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଦ୍ରୁତ ଗତିରେ ରାଜ୍ୟ ଆଡ଼କୁ ପଳାଇଥିଲେ । ଜଳେଶ୍ୱର ଓ ବଂଶା ପୁଲିସ ଏହି ଲୁଟେରାମାନଙ୍କୁ ଧରିବା ପାଇଁ ଉଦ୍ୟମ କରୁଥିବା ଜଣା ପଡ଼ିଛି । ଚନ୍ଦନ ଏନେଇ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।

ଡାଲସାରୀ ମହିଳା ଥାନା ଅଧିକାରୀଙ୍କୁ ଆକ୍ରମଣ ଘଟଣା: ଜେଲ୍‌ଗଲେ ୧୫ ଅଭିଯୁକ୍ତ, ୪୦ରୁ ଅଧିକ ଫେରାର

ଜଳେଶ୍ୱର,୨୧/୨(ନି/ପ୍ର): ଗତକାଲି ରାତିରେ ଏକ ଜୁଆ ଆଡ୍ଡା ଉପରେ ଚଢ଼ଉ ବେଳେ ଡାଲସାରୀ ସାମୁଦ୍ରିକ ଥାନା ଆଇଆଇସି ବଂଶୀଧରୀ ସୋରେନ୍ ଓ ତାଙ୍କ ସହକର୍ମୀଙ୍କ ଉପରେ ହୋଇଥିବା ପ୍ରାଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ୫୦ରୁ ଅଧିକ ଲୋକଙ୍କ ନାଁରେ ମାମଲା ରୁଜୁ କରିଛି । ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ଆଜି ଭୋର୍ଚାଲାଣ କରାଯାଇଥିବା ବେଳେ ୪୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଫେରାରଥିବା ଜଣାପଡ଼ିଛି । ଥାନା ଅଧିକାରୀ ଶ୍ରୀମତୀ ସୋରେନ୍‌ଙ୍କ ଅଭିଯୋଗ ଆଧାରରେ ପୁଲିସ ଅଭିଯୁକ୍ତଙ୍କ ନାମରେ ୧୪୩, ୧୪୬, ୨୯୪, ୩୨୩, ୩୨୪, ୩୩୨, ୩୫୩, ୩୫୪, ୩୫-ବି, ୧୮୬, ୩୦୭, ୫୦୬, ୧୪୯ ଭଳି ସଜ୍ଜିନ ଦଫାରେ ମାମଲା ରୁଜୁ କରିଥିଲା । ଏହାପରେ ପୁଲିସ ପକ୍ଷରୁ ତଢ଼ାଉ କରାଯାଇ ୧୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ଗିରଫ ଅଭିଯୁକ୍ତମାନେ ହେଲେ, ଭଦ୍ରପୁର ଗ୍ରାମର ନିଖିଲ ବେହେରା, ଅମୃଲ୍ୟ ବେହେରା, ରଞ୍ଜିତ ବେହେରା, କିଶୋର ବେହେରା, ଆନନ୍ଦ ବେହେରା, ଅଭିମନ୍ୟୁ ବେହେରା, ସତ୍ୟରଞ୍ଜନ ପଟ୍ଟାୟତ, ଭରତ ବେହେରା, ବଣିଆ ବେହେରା, ଐର ବେହେରା, ପ୍ରମୋଦ ବେହେରା, ହନୁ ବେହେରା, ଜୁନା ବେହେରା, ଗାନ୍ଧାରୀ ବେହେରା ଓ ଡଲି ବେହେରା । ଭୋରରାଇ ଗ୍ରାମ୍ୟ ନ୍ୟାୟାଳୟରେ ସମସ୍ତଙ୍କର ଜାମିନ୍ ଆବେଦନ ଖାରଜ ହୋଇଯିବାରୁ ଅଭିଯୁକ୍ତମାନଙ୍କୁ ଜଳେଶ୍ୱର କେଲକୁ ପଠାଇ ଦିଆଯାଇଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ ଜଣ ମହିଳା ଓ ୧୩ ଜଣ ପୁରୁଷ ଅଛନ୍ତି । ଅନ୍ୟପକ୍ଷରେ ଋରୁ ଅଧିକ ଲୋକଙ୍କୁ ପୁଲିସ ଥାନାରେ ଅଟକ ରଖିବା ସହ ପଚରାଉଚରା ଜାରି ରଖିଛି । ଏହି ଘଟଣାରେ ୫ ଜଣ ମୁଖ୍ୟ ଅଭିଯୁକ୍ତ ଫେରାର ଥିବାବେଳେ ସେମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜୋରଦାର କରିଛି । ଭୋରରାଇ ଓ ଡାଲସାରୀ ସାମୁଦ୍ରିକ ଥାନା ଅଞ୍ଚଳରେ ଦୁଇ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି । ଏଥିସହିତ, ଜଳେଶ୍ୱର ଏସ୍‌ଡିପିଓ ବିଲ୍ଲୁପ କୁମାର ସାହୁଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ପୁଲିସ ଅଧିକାରୀ ବର୍ତମାନ ଭଦ୍ରପୁରରେ ଡେରା ପକାଇ ପରିସ୍ଥିତି ଉପରେ ନଜର ରଖିଛନ୍ତି ।

ନୂଆପଡ଼ାରେ ଲକ୍ଷ୍ମୀ ବସ୍ ର ଶୁଭାରମ୍ଭ

ନୂଆପଡ଼,୨୧/୨(ନି/ପ୍ର): ପୁଲିସ ପଡ଼ିଆଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲକ୍ଷ୍ମୀ ବସ୍ ର ଶୁଭାରମ୍ଭ ହୋଇଛି । ନୂଆପଡ଼ାରେ ଭର୍ଚୁଆଲରେ ମୁଖ୍ୟମନ୍ତ୍ରୀ ଆଜି ୧୧ଟି ଲକ୍ଷ୍ମୀବସ୍ ଶୁଭାରମ୍ଭ କରିଛନ୍ତି । ଆଜିର ଏହି ଶୁଭାରମ୍ଭ ବେଳେ ରାଜ୍ୟ ସରକାରଙ୍କ ଯୋଜନା ଫଂଘୋଜନା ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ନୂଆପଡ଼ା ଜିଲ୍ଲା ପରିଷଦ ସଭାପତି ଚଳି ମାଝୀ, ନୂଆପଡ଼ା ଜିଲ୍ଲାପାଳ ହେମଚନ୍ଦ୍ର ସୟ ଓ ଏସ ଏସ ପି ଅଧକ୍ଷ ଭଗତ ଝିଂ ମାଝୀ ଉପସ୍ଥିତ ରହିଛି ।

ସ୍କୁଲ ବସ୍ ଦୁର୍ଘଟଣା, ଜଣେ ମୃତ

ଜୟପୁର,୨୧/୨(ନି/ପ୍ର): ସ୍କୁଲ ପିଅନ ମୃତ୍ୟୁବରଣ କରିଥିବା ଖବର ପାଇ ମୃତ ପିଅନଙ୍କ ଶେଷ ଦର୍ଶନ ନିମନ୍ତେ ଯାଉଥିବା ବେଳେ ଜୟପୁରର ଏକ ଘରୋଇ ସ୍କୁଲ (ଇମାନୁଏଲ ସ୍କୁଲ ବସ୍) ମନ୍ତ୍ରୀଆସ ଘାଟିରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ସ୍କୁଲ ପ୍ରିନସପାଲଙ୍କ ପତ୍ନୀ ନିକିମା ପଣ୍ଡାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ଘଟଣାଟି ଘଟିଛି ଭୋରାପୁଟ ଜିଲ୍ଲା ବୈପାରିଗୁଡା ବ୍ଲକ ମନ୍ତ୍ରୀଆସ ଘାଟିରେ ଘରୋଇ ସ୍କୁଲ ବସ ର ବ୍ରେକ ଫେଲ ହେବାରୁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ପ୍ରାଥମିକ ସୂଚନା । ସ୍କୁଲ ବସରେ ୨୩ ଜଣ ସ୍କୁଲ କର୍ମଚାରୀ ବସିଥିବା ବେଳେ ୮ ଜଣ ଆହତ ହୋଇଛନ୍ତି । ଆହତମାନଙ୍କୁ ବୈପାରିଗୁଡା ଘୋଷୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

ଉତ୍କଳ ସମାଚାର

THE UTKAL SAMACHAR
(A Odiya Daily News paper)
PUBLISHED FROM ROURKELA, SAMBALPUR, & BHUBANESWAR
FOR NEWS AND ADVERTISEMENT CONTACT AT:
CITY OFFICE: B/204, SECTOR-16, ROURKELA, PH:0661-2646999
PRAKASH KUMAR DHAL (EDITOR) MOB: 9439951525
Email: utkalsamachar@gmail.com

ଭଦ୍ରକରେ ସିକ୍ସିମ୍ ସତ୍ୱାଧାରୀଙ୍କୁ ସ୍ଥାୟୀ ଜମିପଟା ପ୍ରଦାନ

ଭଦ୍ରକ,୨୧/୨(ନି/ପ୍ର): ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭାଷି ସମାରୋହାରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଭଦ୍ରକ ଜିଲ୍ଲା ସମେତ ଅନ୍ୟ ଜିଲ୍ଲାର ସିକିମ ସତ୍ୱାଧିକାରୀଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ କରିଛନ୍ତି । ଏଥିପାଇଁ ଆଜି ଅପରାହ୍ନରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାର ସିକିମ ଜମି ମାଲିକଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି । ଜିଲ୍ଲାରେ ମୋଟ ୫୫୫୭ ଜଣ ସିକିମ ସତ୍ୱାଧିକାରୀ ଜମି ମାଲିକ ସ୍ଥାୟୀ ପଟ୍ଟା ପାଇଁ ଆବେଦନ କରିଛନ୍ତି । ଏମାନଙ୍କ ମଧ୍ୟରୁ ୨୫୧ ଜଣଙ୍କୁ ଜମିପଟ୍ଟା ପ୍ରଦାନ କରାଯିବ । ଆଜିର ସାନରୋହରେ ୭ ଜଣ

ହିତାଧିକାରୀଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରାଯାଇଛି । ଏହି ସମାରୋହରେ ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଡିରାମ୍ ବଦୋର, ସାଂସଦ ମଞ୍ଜୁଲତା ମଣ୍ଡଳ, ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ତଥା ଚାନ୍ଦବାଲି ବିଧାୟକ ବେଦାମଣ୍ଡେଶ ରାୟ, ଭଞ୍ଜାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ବାସୁଦେବପୁର ବିଧାୟକ ବିଶ୍ୱଭୂତ ରାଉତରାୟ, ଜିଲ୍ଲାପରିଷଦର ଅଧକ୍ଷ ପ୍ରଫୁଲ୍ଲ ଢେଳା, ଅତିରିକ୍ତ ଜିଲ୍ଲାପାଳ ସନ୍ଧୁନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ, ଭଦ୍ରକ ଜିଲ୍ଲାର ସମସ୍ତ ତହସିଲଦାର ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

ବିବିଧା

ଫିଲ୍ମ ନିର୍ମାତା ଗୋବିନ୍ଦୀ ଅଭିନେତା ରାଜୁରାଜ ସିଂହ

ଫିଲ୍ମନିର୍ମାତା ଗୋବିନ୍ଦୀ ଅଭିନେତା ରାଜୁରାଜ ସିଂହ । ବୁଧବାରରେ ଦେହାନ୍ତ ହୋଇଛି । ୨୪ ୨୦୨୨ ମସିହାରେ ସିନେମା ଜଗତକୁ ଅଭିନେତା ହେବାକୁ 'ଗଲି ଗଲି ଚୋର ହୈ', 'ଦେବୀଗୀ', 'ବିବାହ ଫିଟ', 'ବଗଲ', 'ଚୋରନ', 'ଚୋରକର', 'ଇସ ଗଲ ଜାଇଁ ହମ' ଭଳି ଅନେକ ଚଳଚ୍ଚିତ୍ର ସିନେମା ଦେଇଛନ୍ତି । ସେ ସିନେମା ଶୁଟିଂରେ ଅଧିକାଂଶ ସମୟ ଅତିବାହିତ କରିଥିଲେ । ଚଳଚ୍ଚିତ୍ରରେ ଅଭିନୟ ହେବା ପୂର୍ବରୁ ସେ ଅନେକ ବର୍ଷରୁ ଶ୍ରୀ ପ୍ରକାଶଙ୍କଙ୍କ ସହିତ ରହିଥିଲେ । ଚଳଚ୍ଚିତ୍ରରେ ଅଭିନୟ କରିବା ପୂର୍ବରୁ ସେ ଅନେକ ବର୍ଷ ଧରି ଶ୍ରୀ ପ୍ରକାଶଙ୍କଙ୍କ ସହିତ ରହିଥିଲେ । ଏହାପରେ ସେ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଚଳଚ୍ଚିତ୍ର ଜଗତରେ ସେ ଅନେକ ଲୋକପ୍ରିୟ ଥିଲେ । ସେ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଚଳଚ୍ଚିତ୍ର ଜଗତରେ ସେ ଅନେକ ଲୋକପ୍ରିୟ ଥିଲେ । ସେ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଚଳଚ୍ଚିତ୍ର ଜଗତରେ ସେ ଅନେକ ଲୋକପ୍ରିୟ ଥିଲେ । ସେ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଚଳଚ୍ଚିତ୍ର ଜଗତରେ ସେ ଅନେକ ଲୋକପ୍ରିୟ ଥିଲେ । ସେ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଚଳଚ୍ଚିତ୍ର ଜଗତରେ ସେ ଅନେକ ଲୋକପ୍ରିୟ ଥିଲେ । ସେ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଚଳଚ୍ଚିତ୍ର ଜଗତରେ ସେ ଅନେକ ଲୋକପ୍ରିୟ ଥିଲେ । ସେ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଚଳଚ୍ଚିତ୍ର ଜଗତରେ ସେ ଅନେକ ଲୋକପ୍ରିୟ ଥିଲେ । ସେ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ଚଳଚ୍ଚିତ୍ର ଜଗତରେ ସେ ଅନେକ ଲୋକପ୍ରିୟ ଥିଲେ । ସେ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି ।

ନାଗାଙ୍କୁ ଛାଡ଼ିବା ପରେ କଷ୍ଟରେ ଥିଲେ ସାମନ୍ଥା

ଅଭିନେତ୍ରୀ ସାମନ୍ଥା ପ୍ରଭୁ ପ୍ରଭୁ ଜଳ ବଳକାରେ ଜୀବନ ପାଇଁ ସଂଘର୍ଷରେ ରହିଛନ୍ତି ପ୍ରଭୁଙ୍କ । ବର୍ଷ ବିତିବାକୁ ଆରମ୍ଭ ହେବାରୁ ସେ ଅନେକ ଆଘାତ ସହିଛନ୍ତି । ଏହି ସମୟ ପୂର୍ବରୁ ସେ ମାଇୟୋସିଟିସ୍ ରୋଗରେ ଆକ୍ରାନ୍ତ ହୋଇଥିଲେ । ଏହା ଏକ ଗମ୍ଭୀର ରୋଗ । ଯେଉଁଥି ପାଇଁ ଜୀବନରୁ ମଧ୍ୟ ହାରିବାର ଆଶଙ୍କା ରହିଥିଲା । ଅଭିନେତ୍ରୀ ସେ ଏକ ଯୁଦ୍ଧରେ ଜୟଲାଭ କରିଛନ୍ତି । ଏହାର ବିଚାର ପାଇଁ ଜୀବନରୁ ମଧ୍ୟ ହାରିବାର ଆଶଙ୍କା ରହିଥିଲା । ଏହାପରି ସେ ଏକ ଯୁଦ୍ଧରେ ଜୟଲାଭ କରିଛନ୍ତି । ଏହାପରି ସେ ଏକ ଯୁଦ୍ଧରେ ଜୟଲାଭ କରିଛନ୍ତି । ଏହାପରି ସେ ଏକ ଯୁଦ୍ଧରେ ଜୟଲାଭ କରିଛନ୍ତି । ଏହାପରି ସେ ଏକ ଯୁଦ୍ଧରେ ଜୟଲାଭ କରିଛନ୍ତି । ଏହାପରି ସେ ଏକ ଯୁଦ୍ଧରେ ଜୟଲାଭ କରିଛନ୍ତି । ଏହାପରି ସେ ଏକ ଯୁଦ୍ଧରେ ଜୟଲାଭ କରିଛନ୍ତି । ଏହାପରି ସେ ଏକ ଯୁଦ୍ଧରେ ଜୟଲାଭ କରିଛନ୍ତି । ଏହାପରି ସେ ଏକ ଯୁଦ୍ଧରେ ଜୟଲାଭ କରିଛନ୍ତି । ଏହାପରି ସେ ଏକ ଯୁଦ୍ଧରେ ଜୟଲାଭ କରିଛନ୍ତି । ଏହାପରି ସେ ଏକ ଯୁଦ୍ଧରେ ଜୟଲାଭ କରିଛନ୍ତି ।

ସୂରିୟାଙ୍କ ସହ ଫିଲ୍ମ କରିବେ ଜାହ୍ନବୀ

ଏହାର ହିନ୍ଦୁ ଚଳଚ୍ଚିତ୍ରରେ ଅଭିନୟରେ ପ୍ରବେଶ କରିଥିବା ଜାହ୍ନବୀ କପୁରଙ୍କ ବହିର ଅଭିନୟ ଦେଖିବାକୁ ମିଳିଛି । ସେମାନେ ଦୁଇଜଣଙ୍କ ଅଭିନୟରେ ଏକ ଫିଲ୍ମ ମଧ୍ୟ ଆସିବାର ରହିଛି । ଏହା ଦୁଇ ଜଣଙ୍କ ଅଭିନୟରେ ଏକ ଫିଲ୍ମ ମଧ୍ୟ ଆସିବାର ରହିଛି । ଏହା ଦୁଇ ଜଣଙ୍କ ଅଭିନୟରେ ଏକ ଫିଲ୍ମ ମଧ୍ୟ ଆସିବାର ରହିଛି । ଏହା ଦୁଇ ଜଣଙ୍କ ଅଭିନୟରେ ଏକ ଫିଲ୍ମ ମଧ୍ୟ ଆସିବାର ରହିଛି । ଏହା ଦୁଇ ଜଣଙ୍କ ଅଭିନୟରେ ଏକ ଫିଲ୍ମ ମଧ୍ୟ ଆସିବାର ରହିଛି । ଏହା ଦୁଇ ଜଣଙ୍କ ଅଭିନୟରେ ଏକ ଫିଲ୍ମ ମଧ୍ୟ ଆସିବାର ରହିଛି । ଏହା ଦୁଇ ଜଣଙ୍କ ଅଭିନୟରେ ଏକ ଫିଲ୍ମ ମଧ୍ୟ ଆସିବାର ରହିଛି । ଏହା ଦୁଇ ଜଣଙ୍କ ଅଭିନୟରେ ଏକ ଫିଲ୍ମ ମଧ୍ୟ ଆସିବାର ରହିଛି । ଏହା ଦୁଇ ଜଣଙ୍କ ଅଭିନୟରେ ଏକ ଫିଲ୍ମ ମଧ୍ୟ ଆସିବାର ରହିଛି ।

ଯୁବକଙ୍କ ଜୀବନ ନେଲା ସ୍ଟାଇଲ୍ ଡିଜାଇନିଂ ଅପରେସନ

ଘର ପରିସରରେ ରଖନ୍ତୁନି ଏସବୁ ଗଛ



ଉତ୍କଳ ସମାଚାର

ସମ୍ପାଦକୀୟ...

ଗୁରୁବାର ୨୨ ଫେବୃଆରୀ ୨୦୨୫

ନାୟକ ସାର୍ 'ମ୍ୟାନ୍ ୱିଥ୍ ମିଶନ'

ଦେଶର ସାର୍ବଭୌମତ୍ୱ, ଅଖଣ୍ଡତାକୁ ରକ୍ଷାକରିବାରେ ସୈନିକମାନଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ । ଖରା, ବର୍ଷା, ଶୀତ କାକର ସତ୍ତ୍ୱସତ୍ତି ଯେଉଁମାନେ ଆମ ଜନ୍ମଭୂମିକୁ ସୁରକ୍ଷା ଯୋଗାଇଥାନ୍ତି ସେମାନେ ନମସ୍ୟ । ଆଉ ସେହି ସୈନ୍ୟମାନଙ୍କୁ ଯିଏ ତୃଣମୂଳସ୍ତରରେ ପ୍ରସ୍ତୁତ କରାଇଥାଏ ତାହାର ମଧ୍ୟ ଅବଦାନ ଦେଶପାଇଁ କମ୍ ନୁହେଁ । ଯୁବକମାନଙ୍କୁ ସୈନ୍ୟବାହିନୀରେ ଯୋଗଦେବା ପାଇଁ ପ୍ରେରଣା ଦେଇଥିବା ତଥା ସେମାନଙ୍କୁ ପ୍ରଶିକ୍ଷିତ କରାଉଥିବା ଯୁବକ ହେଉଛନ୍ତି ଆମର ଜଣେ ଓଡିଆ ପୁଅ ସିଲୁ ନାୟକ । ଫେବୃଆରୀ ମାସ ରବିବାର ମାସିକ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଜଗତସିଂହପୁରର ଯୁବକ ସିଲୁ ନାୟକଙ୍କ ଭବ୍ୟମାନଙ୍କୁ ଭୂରି ଭୂରି ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଚାକିରି ଛାଡି ମାରଣାରେ ଆର୍ମି ଟ୍ରେନିଂ ଦେଉଥିବା ସିଲୁଙ୍କୁ ଏହି କାର୍ଯ୍ୟକ୍ରମରେ ମନେପକାଇବା ସହ ଜଣେ ନିଃସ୍ୱାର୍ଥପର ମଣିଷର ତ୍ୟାଗକୁ ସଲାମ୍ କରିଛନ୍ତି ମୋଦୀ । 'ନାୟକ ସାର୍' ଦେଶ ପାଇଁ ଅନେକ ନାୟକ ସୃଷ୍ଟି କରନ୍ତୁ ବୋଲି କହିଛନ୍ତି ସେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ରବିବାର ତାଙ୍କ ୭୪ ତମ 'ମନ୍ କୀ ବାତ୍' କହିଥିବା ବେଳେ ଚାକିରି ଛାଡି ଯୁବକମାନଙ୍କୁ ସୈନ୍ୟ ବାହିନୀରେ ଯୋଗଦେବା ପାଇଁ ପ୍ରଶିକ୍ଷଣ ଦେଉଥିବା ଜଗତସିଂହପୁର ଜିଲ୍ଲା ନାଗଗାଁ ବ୍ଲକ ରୋହିଆ ପଚାଂୟତ ଅରଖକୁଦ ଗ୍ରାମର ସିଲୁ ନାୟକଙ୍କୁ ପ୍ରଧାନମନ୍ତ୍ରୀ ଭଳ ପ୍ରଶଂସା କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ବାଲୁକି ନାୟକ ଓ ତାଙ୍କ ସ୍ତ୍ରୀ ହେନାଙ୍କ ସାନ ପୁଅ ସିଲୁ ୨୦୧୪ରେ ସ୍ଥାନୀୟ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରୁ ସ୍ନାତ୍ତକ ଡିଗ୍ରି ଶିକ୍ଷା ଶେଷପରେ ଓଡିଶା ଶିଳ୍ପ ନିରାପତ୍ତା ବାହିନୀରେ ଚାକିରି ପାଇଥିଲେ । ଇଂରେଜ୍ୟ ବେଦା ସମୟରେ ଅନେକ ପିଲା ଶାରୀରିକ ପରୀକ୍ଷାରେ ଅକୃତକାର୍ଯ୍ୟ ହେଉଥିବା ସେ ଦେଖିଥିଲେ । ଏହା ତାଙ୍କ ମନକୁ ଆନ୍ଦୋଳିତ କରିଥିଲା । ଅର୍ଥ ଓ ଚାକିରି ମୋହ ଛାଡି ସେ ନିଜ ଗାଁ କୁ ଫେରିଆସିଥିଲେ । ୨୦୧୬ ମସିହାରେ ବେଦା ନଦୀ ପଠାରେ ସିଲୁ 'ମହାଗୁରୁ ବାଟାଲିୟନ୍' ନାମରେ ଏକ ସେନା ପ୍ରଶିକ୍ଷଣ ତାଲିମ ଶିବିର ଆରମ୍ଭ କରିଥିଲେ । ନିଜ ଅଂଚଳ ପିଲାଙ୍କୁ ଶାରୀରିକ ତାଲିମ ପ୍ରଦାନ କରି ସୈନ୍ୟ ବାହିନୀରେ ଯୋଗ ଦେବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ । ପ୍ରଥମେ ସେ ସ୍ଥାନୀୟ ୮ଟୁ ୧୦ଜଣ ପିଲାଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଦେଉଥିଲେ । ସକାଳ ଓ ଅପରାହ୍ନରେ ଦୁଇବେଳା ଶିବିରରେ ପିଲାମାନେ ତାଲିମ ନେଉଥାନ୍ତି । ଏବେ ଏହି ବାଟାଲିୟାନ ମାଧ୍ୟମରେ ୩୦୦ରୁ ଊର୍ଦ୍ଧ୍ୱ ଯୁବକ ସାମିଲ ହୋଇ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ନେଉଛନ୍ତି । ଏଠାରୁ ତାଲିମ ପାଇଥିବା ୫୦ରୁ ଊର୍ଦ୍ଧ୍ୱ ଯୁବକ ଆର୍ମି, ଓଡିଶା ପୋଲିସ, ସିଆର୍‌ପିଏଫ୍, ବିଏସ୍‌ଏଫ୍, ଓଏସ୍‌ଏଫ୍ ଏବଂ ଆଇଆର୍‌ବିରେ ଯୋଗ ଦେଇଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସିଲୁ ବିନା ପାରିଶ୍ରମିକରେ ଗାଁ ଗହଳିର ପିଲାମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି । ତେବେ ବିନା ପାରିଶ୍ରମରେ କିଭଳି ତାଲିମ ଶିବିର ଚଳାଇପାରୁଛନ୍ତି ପଚରାଯିବାରୁ ସିଲୁ କହିଛନ୍ତି ଯେ, ଶିବିର ଆରମ୍ଭ ହେବା ସମୟରେ କେତେ ଜଣ ପ୍ରଶିକ୍ଷାର୍ଥୀ ଆର୍ଥିକ ସହାୟତା କରିଥିଲେ । ଏବେ ନିଯୁକ୍ତି ପାଇଥିବା କେତେଜଣ ପ୍ରଶିକ୍ଷାର୍ଥୀ ଅଧିକ ସହାୟତା ଯୋଗାଉଛନ୍ତି । ଯେଉଁଥିରେ ଗରିବ ପିଲାମାନଙ୍କୁ ମାଗଣାରେ ତାଲିମ ଦିଆଯାଇପାରୁଛି ବୋଲି ସିଲୁ କହିଛନ୍ତି । ତାଲିମ ନେଇ ଚାକିରି ପାଇଥିବା ଭାରତୀୟ ଆର୍ମିର ସୁଶିକ୍ଷ ମହାନ୍ତି, ସିଆର୍‌ପିଏଫ୍‌ର ଦେବବ୍ରତ ଆଚାର୍ଯ୍ୟ କୁହନ୍ତି ନାୟକ ସାର୍ ଅନ୍ୟମାନଙ୍କ ପାଇଁ ଉଦାହରଣ । ତାଙ୍କ ଉଦ୍ୟମ ବଳରେ ବହୁ ଅସହାୟ ରୋଜଗାରକ୍ଷମ ହୋଇପାରିଛନ୍ତି । ନାୟକ ସାର୍‌ଙ୍କ 'ମହାଗୁରୁ ବାଟାଲିୟନ୍' ପ୍ରଶିକ୍ଷଣକେନ୍ଦ୍ରରେ ଫିଜିକାଲ୍ ଫିଟ୍‌ନେସ୍ ଠାରୁ ଆରମ୍ଭ କରି ସାକ୍ଷାତ୍‌କାର ଓ ଲିଖିତ ପରୀକ୍ଷା ଆଦି ଅଭ୍ୟାସ କରାଯାଉଛି । ସେ ନିଜେ ଓଡିଶା ପୋଲିସରେ ଭର୍ତ୍ତି ହେବା ପାଇଁ ପ୍ରୟାସ କରିଥିଲେ । କିନ୍ତୁ ସେ ସେଥିରେ ସଫଳ ହେଲେ ନାହିଁ । ଏହା ସତ୍ତ୍ୱେ ସେ ନିଜର ପ୍ରଶିକ୍ଷଣ ଦମ୍‌ରେ ଅନେକ ଯୁବକଙ୍କୁ ଦେଶର ସେବା କରିବା ପାଇଁ ପ୍ରସ୍ତୁତ କରିଛନ୍ତି । ସେ ଆହୁରି କହିଛନ୍ତି ଆଜିର ଯୁବ ଶକ୍ତି ନିଜ ଭଙ୍ଗରେ କାର୍ଯ୍ୟକରନ୍ତୁ ଓ ନିଜ ଲକ୍ଷ୍ୟ ନିଜେ ସ୍ଥିର କରନ୍ତୁ । ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସିଲୁଙ୍କୁ 'ନାୟକ ସାର୍' ବୋଲି ସମ୍ବୋଧିତ କରିଛନ୍ତି । ଏଭଳି ପ୍ରଶଂସା ପାଇବାପରେ ସିଲୁ ଖୁସି ବ୍ୟକ୍ତ କରି ଏହାଦ୍ୱାରା ତାଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି ବୋଲି କହିଛନ୍ତି । ଏହି ତାଲିମ ଦେଇକୁ ଆଗକୁ ବଢିବା ପାଇଁ ସିଲୁ ଅଧିକ ପ୍ରୟାସ କରିବେ ବୋଲି କହିଛନ୍ତି । ସେ ଆହୁରି କହିଛନ୍ତି, କଠିନ ପରିଶ୍ରମର ବିକଳ୍ପ କିଛିନାହିଁ । ବୃଦ୍ଧ ଲଛାଶଙ୍କି ବଳରେ ଅସମ୍ଭବକୁ ସମ୍ଭବ କରାଯାଇପାରେ । ଏଇଥା ଯୁବକମାନେ ସ୍ମରଣ ରଖିବା ଉଚିତ୍ । ଏହି ସଫଳତାର ଶ୍ରେୟ ସେ ନିଜର ବାପା ମାଆ, ଶୁଭେଚ୍ଛୁ ଓ ଆତ୍ମୟୀଶ୍ୱରନଙ୍କୁ ଦେଇଛନ୍ତି । ସିଲୁଙ୍କ ସଫଳତାରେ କେବଳ ନାଉଗାଁ ଅଂଚଳ କୁହେଁ, ଜଗତସିଂହପୁର ଜିଲ୍ଲା ତଥା ସାରା ରାଜ୍ୟରେ ଖୁସିର ଲହରୀ । ସେ ଆମକୁ ଗୌରବାନିତ୍ କରିଛନ୍ତି । ଲୁହାଯାଏ- 'ଶ୍ରେଷ୍ଠାଂଶି ବହୁ ବିଘ୍ନାନି' । ଅର୍ଥାତ୍ ଭଲକାମ କଲେ ବହୁ ବାଧା ବିଘ୍ନ ଆସେ । ବାଲୁଯିବ ସାମ୍ନା କରିପାରେ ସେ ସଫଳ ମଣିଷ ହେବାର ରଖିଛା ଯାହାକୁ ପ୍ରମାଣ କରି ଦେଖାଇଛନ୍ତି ସିଲୁ ନାୟକ । ସବୁରି ପ୍ରିୟ ସିଲୁ ସାର୍। ତାଙ୍କ ପ୍ରଚେଷ୍ଟା ଏହିଭଳି ଜାରି ରହୁ । ଏଥିସହିତ ତାଙ୍କ ପ୍ରଶିକ୍ଷଣ କେନ୍ଦ୍ରକୁ ସରକାରୀ ଓ ବେସରକାରୀ ସ୍ତରରେ ପ୍ରୋତ୍ସାହନର ବ୍ୟବସ୍ଥା ମିଳିଲେ ଭବିଷ୍ୟତରେ ଅଧିକରୁ ଅଧିକ ଯୁବକ ସେଠାରେ ପ୍ରଶିକ୍ଷଣ ନେବା ସହିତ ସେନା ବାହିନୀରେ ଯୋଗ ଦେବା ପାଇଁ ଅନୁପ୍ରାଣିତ ହେବେ । ଓଡିଆ ପୁଅ ସିଲୁ ନାୟକଙ୍କ ଏହି ସଫଳତା ଆଗାମୀ ଦିନରେ ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ହେବ । ସିଲୁ ସାର୍‌ଙ୍କର ଏହି ବିରଳ କୃତିତ୍ୱ ପାଇଁ କେବଳ ଜଗତସିଂହପୁର ଜିଲ୍ଲା କୁହେଁ, ରାଜ୍ୟ ବାସୀଙ୍କ ତରଫରୁ ତାଙ୍କୁ ଆନ୍ତରିକ ଅଭିନନ୍ଦନ । ଆଗାମୀ ଦିନରେ ସେ ଆମ ପାଇଁ ଓ ଆମ ଦେଶ ପାଇଁ ଆହୁରି ସଫଳତା ସାର୍ଜିଁତି ଆଣନ୍ତୁ ଏତିକି କାମନା ।

ପଣ୍ଡାମୁକ୍ତ ଦେବାଳୟ



ମୁଁ ସଂପୂର୍ଣ୍ଣ ଅବଗତ ଯେ ଉପରୋକ୍ତ ଶିରୋନାମାଟି ପଢ଼ି କତିପୟ ବ୍ୟକ୍ତିଙ୍କ ରକ୍ତଚାପ ଊର୍ଦ୍ଧ୍ୱ ଗତିପ୍ରାପ୍ତ ହେବ । ଅନ୍ୟ କେତେ ଜଣ ରକ୍ତ ଚାଳକ ଚୋବାଇ ଲେଖକଙ୍କ ସମ୍ପ୍ତ ପୁରୁଷ ଉଦ୍ଧାର କରିବେ । କିନ୍ତୁ ଭାରତର ବାହୁ ?- ସ୍ୱାଧୀନତାର ଦ୍ୱାହି ଦେଇ ମୁଁ ନିବେଦନ କରିବି ଯେ ସେମାନେ ସାମୟିକ ପ୍ରାଣାୟାମ କରି ଧୀରସ୍ଥିର ମନରେ ବିଚାର କରନ୍ତୁ ଯେ ପ୍ରସ୍ତାବଟି ଗ୍ରହଣଯୋଗ୍ୟ ଅଥବା ସମ୍ପୂର୍ଣ୍ଣ ଅଗ୍ରାହ୍ୟ । ନିଜରେ ଓଡ଼ିଶା ସରକାର ଅଗଣିତ ମନ୍ଦିରକୁ ପୁନର୍ଜୀବନ ପ୍ରଦାନ କରିଛନ୍ତି । ପ୍ରାଚୀନ ମନ୍ଦିରଗୁଡ଼ିକର କାୟାକଳ୍ପ ଘଟିଛି । ପୁରୀ ଜଗନ୍ନାଥ ମନ୍ଦିର, ମା' ସମଲେଶ୍ୱରୀ, ମା' ବିରଜା, ଆଖଣ୍ଡଳମଣି, ମା' ତାରଣା, ମା' ଉଗ୍ରତାରା, ମା' ତାରିଣୀ ଏ ସମସ୍ତ ଦେବାଳୟଗୁଡ଼ିକର ବାହ୍ୟ ସୁନ୍ଦରୀକରଣ ଅଗଣିତ ଭକ୍ତଙ୍କ ମନରେ ଆନନ୍ଦର ଫଳ ?ଗ୍ଧ ଛୁଟାଇ ଦେଇଛି । ସ୍ୱଚ୍ଛ ପରିବେଶ, ବିଶ୍ରାମଗୃହ, ଶୌଚାଳୟ, ଯାନବାହନ ନିମନ୍ତେ ସ୍ୱତନ୍ତ୍ର ରହଣି ସ୍ଥାନ, ସବୁଜୀକରଣ, ବୟସ୍କ ଯାତ୍ରୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ପରିବହନ ଭଳି ଅନେକ ନୂତନ ବ୍ୟବସ୍ଥା ଭକ୍ତମାନଙ୍କ हृदयରୁ ଆହ୍ଲାଦିତ କରିଛି । କିନ୍ତୁ, ଏ ସମସ୍ତ ସୁବିଧା ସୁଯୋଗ ତଥା ଜାୟା ପରିବର୍ତ୍ତନ ମଧ୍ୟରେ ବାଜି ରହିଯାଇଛି ଏକ ମୁଖ୍ୟ ସଂସ୍କାର । ଭକ୍ତ ଏବଂ ଭଗବାନଙ୍କ ମଧ୍ୟରେ ମଧ୍ୟସ୍ଥି ଥିବା ପଣ୍ଡାମାନଙ୍କ ଭାଷା, ବେଶଭୂଷା ତଥା ବ୍ୟବହାରର ସଂସ୍କାର । ଆହତମାନ ଜାଳରୁ ଚାଲି ଆସୁଥିବା ଅତୀତରେ ଯଜମାନମାନେ ବଂଶାନୁକ୍ରମେ ପଣ୍ଡାମାନଙ୍କ ନିକଟରେ ପହଞ୍ଚୁଥିଲେ ତଥା ପଣ୍ଡାମାନେ କିଛି ଦକ୍ଷିଣା ବିନିମୟରେ ସେମାନଙ୍କର ରହଣି, ଖାଦ୍ୟପେୟ ତଥା ଦର୍ଶନ ଆଦିର ବନ୍ଦୋବସ୍ତ କରିଦେଉଥିଲେ । ଆଧୁନିକ ସମୟରେ ଏ ସବୁର ପ୍ରୟୋଜନ ନାହିଁ । ଏହି ପଣ୍ଡା-ଯଜମାନ ପ୍ରଥାକୁ ବିଲୁପ୍ତ କରିବା ହୁଏତ ସମ୍ଭବ ନୁହେଁ; କିନ୍ତୁ ସେଗୁଡ଼ିକୁ ମାର୍ଜିତ କରିବା ନିମନ୍ତେ ପ୍ରୟାସ ଆବଶ୍ୟକ । ନିକଟରେ ଘଟିଥିବା କେତେଗୋଟି ଘଟଣା ଯଥା ସେବକମାନଙ୍କ ମଧ୍ୟରେ ମନ୍ଦିର ପରିସର ଭିତରେ ମୁଷ୍ଟିଯୁଦ୍ଧ, କେତେକ ଭକ୍ତଙ୍କୁ ଶାରୀରିକ ଆକ୍ରମଣ, ନକଲି ପ୍ରସାଦ ତଥା ବାନା ବିକ୍ରୟ ଇତ୍ୟାଦି ସମସ୍ତଙ୍କୁ ମର୍ମାହତ କରିଛି । କେବଳ ମନ୍ଦିରଗୁଡ଼ିକର ବାହ୍ୟ ପରିବେଶ ଅଥବା ଭିତିଭୂମି ପରିବର୍ତ୍ତନ ଜଲେ ସମସ୍ୟାର ସମାଧାନ ହେବ ନାହିଁ । ଯେପରି ଙ୍କମ୍ପ୍ୟୁଟରର କେବଳ 'ହାର୍ଡୱେ ?' ପରିବର୍ତ୍ତନ କରି ପୁରୁଣା 'ସଫ୍ ?ଟୱେ ?' ଚଳାଇଲେ କୌଣସି ପ୍ରଗତି ହୁଏନାହିଁ । ସେହି ପରି ମନ୍ଦିର ପରିଚାଳନାରେ ପରିବର୍ତ୍ତନ କରା ନ ଗଲେ ସମସ୍ତ କାୟାକଳ୍ପ ମୂଲ୍ୟହୀନ ହୋଇଯିବ । ଲଞ୍ଜିର ନ ବଦଳାଇ ଖାଲି ପୁରୁଣା ଗାଡ଼ିଟିକୁ ନୂଆ ରଙ୍ଗ ଦେଇ ଦେଲେ, ଯାତ୍ରୀ, ଭକ୍ତ ଅଥବା ପର୍ଯ୍ୟଟକମାନଙ୍କର ବିଶେଷ ଲାଭ ହେବ ନାହିଁ । ତିରୁପତି, ସିରିଡିସାଇ, କାଶୀ ମହାବିନାୟକ ମନ୍ଦିରରେ ଚ୍ରାହୁଣ, ପୂଜାରୀ, ପଣ୍ଡା ଆଉ ମଧ୍ୟ କୌଣସି ଯାତ୍ରୀ ଦୁର୍ବ୍ୟବହାର ଅଥବା ଆର୍ଥିକ ଶୋଷଣର ଶିକାର ହୋଇନଥାନ୍ତି । କିନ୍ତୁ, ଓଡ଼ିଶାର କତିପୟ ମନ୍ଦିରରେ ବୂଗାଗତ ଭକ୍ତମାନେ ଅନେକ ଦୌରାତ୍ମାର ସାମନା କରିଥାନ୍ତି । ପୀଡ଼ିତମାନଙ୍କ ଅଭିଯୋଗ ନିବାରଣର କୌଣସି ବ୍ୟବସ୍ଥା ନ ଥିବାରୁ, ଅସହାୟ ଭକ୍ତଗଣ ଚିତ୍ତାର କର୍ଣ୍ଣ ମର୍ଦନ କରି ପୁନର୍ବାର ନ ଫେରିବାର ପଣ କରି ଦେବାଳୟରୁ ପ୍ରସ୍ଥାନ କରନ୍ତି । ଏ ସମସ୍ତ ସମସ୍ୟାର ଏକମାତ୍ର କାରଣ ଅର୍ଥ ଲୋଭ ଏବଂ ଏକମାତ୍ର ସମାଧାନ ପର୍ଯ୍ୟାପ୍ତ ଅର୍ଥ ବିତରଣ । ଆମ ଲୋକପ୍ରିୟ ସରକାର ଯେପରି ବିଶାଳ ହୃଦୟରେ ମନ୍ଦିର ଙ୍କମ୍ପଲ୍ସ କମିଟାଡ଼ି, ମଠ, ଦୋକାନ ଏବଂ ଉଦ୍ୟାନ ଆଦିକୁ ପ୍ରଭୂତ ଅର୍ଥ ପ୍ରଦାନ କରି ସେଗୁଡ଼ିକୁ ସରକାରୀ ଭାବେ ଆହରଣ କରି ପୁନର୍ବିନ୍ୟାସ କରିପାରିଲେ, ସେହିପରି ଏକ ବିଶାଳ ତଥା 'ସ୍ୱତନ୍ତ୍ର ପାଣ୍ଡି' ପୂଜକ, ସେବକ ତଥା ସହାୟକଙ୍କ ନିମନ୍ତେ ପ୍ରସ୍ତୁତ କରନ୍ତୁ । ସରକାରଙ୍କ ଅର୍ଥ ଦାନ ବ୍ୟତୀତ, ହୁଣ୍ଡିରୁ ଆୟ ତଥା ମନ୍ଦିର ସମ୍ପତ୍ତିର ଅନ୍ୟାନ୍ୟ ଆୟ ଏହି ପାଣ୍ଡିରେ ଜମା କରାଯାଉ । ପାଣ୍ଡିର ସମସ୍ତ ପରିଚାଳନା ତଥା ସେବକମାନଙ୍କୁ ନିୟମିତ ଅର୍ଥ ବିତରଣର ଦାୟିତ୍ୱ ସେବକମାନଙ୍କ ପରିଚାଳନା ସମିତିକୁ ପ୍ରଦାନ କରାଯାଉ । ପାଣ୍ଡି ପରିଚାଳନରେ ସରକାରଙ୍କ ହସ୍ତକ୍ଷେପ ସର୍ବତୋମୁଖୀ ହେଉ । ମନ୍ଦିର ପରିସରରେ ଦର୍ଶନ, ପରିମଳ, ସୁରକ୍ଷା ତଥା ଭିଡ଼ ନିୟନ୍ତ୍ରଣ ସରକାରୀ କର୍ମଚାରୀଙ୍କ ଉପରେ ନ୍ୟସ୍ତ ହେଉ । ଓଡ଼ିଶାରେ ମନ୍ଦିର ପ୍ରସାଦ ସେବନ ନିମନ୍ତେ ଭକ୍ତମାନଙ୍କର ଅସୀମ ଆଗ୍ରହ ରହିଥାଏ । ଅନ୍ତତଃ ପ୍ରସାଦର ପ୍ରସ୍ତୁତି, ମୂଲ୍ୟ ନିରୂପଣ, ବିକ୍ରୟ ଓ ବିତରଣ ଆଦି ବ୍ୟବସ୍ଥା ସରକାରୀ ତତ୍ତ୍ୱାବଧାନରେ କରାଗଲେ ଭକ୍ତଗଣ ନିର୍ବିଘ୍ନ ସମୟରେ ପ୍ରସାଦ ସେବନ କରିପାରନ୍ତେ । ସେହିପରି ଦର୍ଶନ ନିମନ୍ତେ ନିର୍ଦ୍ଦିଷ୍ଟ ସମୟ ସାରଣୀ ପ୍ରସ୍ତୁତ କରି ତାହାକୁ ଦୃଢ଼ ଭାବେ ପାଳନ କଲେ ଅନ୍ତତଃ ଦୂରଦୂରାନ୍ତରୁ ଆସିଥିବା ଭକ୍ତଗଣ ଅକାରଣରେ ଦୀର୍ଘ ସମୟ ଧରି ମନ୍ଦିର ପରିସରରେ ଅପେକ୍ଷା କରନ୍ତେ ନାହିଁ । ବ୍ୟବସ୍ଥିତ ଦର୍ଶନର ସୁବିଧା ପ୍ରଦାନ କରାଗଲେ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ହେବା ସହ ପାଣ୍ଡିର ଆକାର ମଧ୍ୟ ବୃଦ୍ଧି ପାଇବ; ଏବଂ 'ପଣ୍ଡା ମୁକ୍ତ ଦେବାଳୟ' ସ୍ୱପ୍ନ ସାକାର ହେବ ।

ପଳାତକ ଚାଳକ

ଦୁର୍ଘଟଣା ସୁଜଲୁ ପଳାତକ ଗାଡ଼ି ଚାଳକମାନେ ଯଦି ପୀଡ଼ିତଙ୍କ କଷ୍ଟଣ ଦେଖିପାରନ୍ତେ, ତେବେ ହୁଏତ ସେମାନେ ଦୁର୍ଘଟଣାଗ୍ରସ୍ତମାନଙ୍କ ପ୍ରାଣ ବଚାଇବାର ପ୍ରୟାସ ମଧ୍ୟ କରନ୍ତେ । କିନ୍ତୁ ସେଥି ଲାଗି ସେମାନଙ୍କ ମନରୁ ଦୁର୍ଘଟଣା ପରବର୍ତ୍ତୀ ଭିତ୍‌ତନ୍ତର ଭୟ ଦୂରୀଭୂତ ହେବା ଜରୁରୀ । ଯଦି କୌଣସି ଆଇନ ଏତିକି ସମ୍ଭବ କରିପାରେ ତେବେ 'ହିଟ୍ ଏଣ୍ଡ ରନ୍' ଭଳି ସ୍ଥିତି ହିଁ ଉପୁଜିବ ନାହିଁ । ଗଲା ୨ ତାରିଖରୁ ଜିଲ୍ଲା ସମେତ ଅନ୍ୟ କେତେକ ରାଜ୍ୟରେ ଆରମ୍ଭ ହୋଇଥିବା ଚ୍ରକ-ଚାଳକ ଧର୍ମଘଟ ଗଲା ବୁଧବାର ଦିନ ପ୍ରତ୍ୟାହୃତ ହୋଇ ଆଶ୍ୱସ୍ତିର କାରଣ ହୋଇଛି; ନଚେତ୍ ଚଢ଼ାଗା ଅତ୍ୟାବଶ୍ୟକ ସାମଗ୍ରୀର ଉଦ୍ଧର ଅଭାବ ଘଟି ଜନସାଧାରଣଙ୍କୁ ଅସହ୍ୟ ଭାବେ ହତସ୍ତତ କରି ପକାଇଥାଆନ୍ତା । ପ୍ରକାଶ ଥାଉ କି 'ହିଟ୍ ? ଏଣ୍ଡ ରନ୍?' ବା 'ଗାଡ଼ି ଧକ୍କା ଲଗାଇ ପଳାୟନ' ଭଳି ଅବାଞ୍ଛିତ ଘଟଣାଗୁଡ଼ିକୁ ରୋକିବା ଲାଗି ନୂତନ ଭାବେ ପ୍ରଣୀତ 'ଭାରତୀୟ ନ୍ୟାୟ ସଂହିତା-୨'ରେ କଠୋର ଦଣ୍ଡର ପ୍ରାବଧାନ ବିରୋଧରେ ଚ୍ରକ୍ ଚାଳକମାନେ ତୀବ୍ର ପ୍ରତିବାଦର ସ୍ୱର ଉଠାଇଥିଲେ । ଏଥିରେ ଦ୍ୱିରୁକ୍ତି ନାହିଁ ଯେ କୌଣସି ସଡ଼କ ଦୁର୍ଘଟଣା ପରେ ତହିଁରେ ସଂପୃକ୍ତ ଅଥଚ ଅକ୍ଷତ ଗାଡ଼ି ଚାଳକଜଣକ ଯଦି ସେଠାରୁ ପଳାୟନ ନ କରି ଗୁରୁତର ଆହତମାନଙ୍କ ତତ୍ ?ଶଣାରୁ ? ଡାକ୍ତରଖାନା ନେବା ବା କେ ?ଣସି ଚିକିତ୍ସା ସେବା ଯୋଗାଇବା ଦିଗରେ ପ୍ରଯତ୍ନ କରନ୍ତେ, ତେବେ ଅନେକ ମୂଲ୍ୟବାନ ଜୀବନ ବଚିଁ ଯାଇପାରନ୍ତା । ଦେଶୁଣ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଥାଏ ଯେ ଏଭଳି ଏକ ମହତ୍ ? ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ଲାଗି ସୃଷ୍ଟ ବଦ୍ଧବିଧି ଆଇନ ଏଭଳି ବିରୋଧର ସମ୍ମୁଖୀନ ହେଲା କାହିଁକି ? ଅବଶ୍ୟ, ଏହି ପ୍ରଶ୍ନର ଉତ୍ତର ଧର୍ମଘଟକାରୀ ଚ୍ରକ୍ ଚାଳକମାନଙ୍କ ପକ୍ଷରୁ ଦିଆ ସରିଛି, ତଥାପି ଏ ସଂବର୍ଦ୍ଧରେ ଏକ କ୍ଷୁଦ୍ର ସଂପ୍ରସାରିତ ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ପ୍ରକାଶ ଥାଉ କି ପୁରୁଣା ବଦ୍ଧବିଧି ଆଇନ ଅନୁସାରେ 'ହିଟ୍ ଏଣ୍ଡ ରନ୍' ଭଳି ଘଟଣା ଲାଗି କେ ?ଣସି ସ୍ୱତନ୍ତ୍ର ପ୍ରାବଧାନ ନାହିଁ; ଆଇ.ପି.ସି. ଧାରା ୩୦୪-ଏ ଅନୁସାରେ କେ ?ଣସି ବେପରୁଆ କାର୍ଯ୍ୟ ହେତୁ ବ୍ୟକ୍ତି ଦୁର୍ଘଟଣାରେ ପ୍ରାଣହାନି ଘଟିଲେ ଦୁଇ ବର୍ଷର କାରାବାସର ବ୍ୟବସ୍ଥା ଏବଂ ଆଇ.ପି.ସି.ର ଧାରା ୨୭୪ ଅନୁସାରେ ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକଙ୍କ ଲାଗି ସର୍ବାଧିକ ଛଅ ମାସର କାରାଦଣ୍ଡର ପ୍ରାବଧାନ ବ୍ୟତୀତ ଏଭଳି କ୍ଷେତ୍ରରେ ଅନ୍ୟ କେ ?ଣସି ଅଙ୍କୁଶ ନାହିଁ । ସୁତରାଂ, ଆଇନ ପ୍ରଣେତାମାନଙ୍କ ମଧ୍ୟରେ ଧାରଣା ଜନ୍ମିଥିବ ଯେ 'ହିଟ୍ ଏଣ୍ଡ ରନ୍' ସଂବର୍ଦ୍ଧରେ ଏହି ବଦ୍ଧଣ୍ଡ ଅତି କଠୋର ଅର୍ଥାତ୍ ୧୦ ବର୍ଷର କାରାବାସ ଏବଂ ୭ ଲକ୍ଷ ଟଙ୍କାକୁ ପରିବର୍ତ୍ତିତ କରିଦେଲେ ଦୁର୍ଘଟଣା ସଂଖ୍ୟାରେ ହ୍ରାସ ଘଟିବା ସହିତ ଗାଡ଼ି ଚାଳକମାନେ ଘଟଣାସ୍ଥଳକୁ ପଳାୟନ କରିବାକୁ ଭୟ କରିବେ ! କିନ୍ତୁ, ସେମାନେ ଯେଉଁ ସାଧାରଣ ଜ୍ଞାନକୁ ପ୍ରୟୋଗ କରିପାରିଲେ ନାହିଁ, ତାହା ହେଲା ଦୁର୍ଘଟଣା ଘଟାଇ ପଳାୟନ କରିବା ପଛରେ ନିହିତ ଏକମାତ୍ର କାରଣ ହେଉଛି ଉଦ୍ ?କ୍ଷିପ୍ତ ଭିଡ଼ ହାତରୁ ନିଜର ପ୍ରାଣ ବଚାଇବା, ଯେଉଁ ଉଦ୍ୟମକୁ କେ ?ଣସି ଚୋରେଇଗଡ଼ ବଣ୍ଡ ମଧ୍ୟ ପ୍ରତିହତ କରି ପାରିବ ନାହିଁ । ଆଇନ ପ୍ରଣେତାମାନେ ଆଉ ଯାହା ହୁଉଛନ୍ତୁ କରି ପାରିନାହାନ୍ତି, ତାହା ହେଲା ୧୦ ବର୍ଷର କାରାବାସ ଏବଂ ୭ ଲକ୍ଷ ଟଙ୍କାର ଜରିମାନା ଯେ କେ ?ଣସି ପେସାବାର ଚ୍ରକ୍ ବା ବସ୍ ଚାଳକଙ୍କ ପରିବାରକୁ ସଂପୂର୍ଣ୍ଣ ନିଃସ୍ୱ ଓ ଦିଗ୍ଭ୍ରାନ୍ତ କରିଦେବ । ସୁତରାଂ, ଏଭଳି ବସ୍ତୁସ୍ଥିତି ପରିପ୍ରେକ୍ଷୀରେ ଚ୍ରକ୍ ଚାଳକମାନଙ୍କ ଦ୍ୱାରା ଧର୍ମଘଟର ସୂତ୍ରପାତରେ ବିସ୍ମୟର କିଛିମାତ୍ର କାରଣ ନାହିଁ । ତେବେ, ପ୍ରଶ୍ନ ଉଠିଥାଏ ଯେ ଛୋଟ-ବଡ଼ ଯେ କେ ?

ସମ୍ବଲପୁରରେ ଦେଶର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଂଟର: ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର,୨୧/୨(ନି/ପ୍ର): ସମ୍ବଲପୁର ମାଝିପାଲିଠାରେ ଦେଶର ପ୍ରଥମ ସ୍କିଲ୍ ଇଣ୍ଡିଆ ସେଂଟର(ଏସ୍‌ଆଇସି)ର ଉଦ୍‌ଘାଟନ କରାଯାଇଛି । କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ ଉଦ୍‌ଘାଟନ କରିବା ସହିତ ଏହି ସେଂଟର ବର୍ତ୍ତିକୁ ୧୨ ଶହ ପିଲାଙ୍କୁ ଦକ୍ଷ କରିବା ସହ ସେମାନଙ୍କୁ ରୋଜଗାର ଓ ସ୍ୱରୋଜଗାରର ବାଟ ଦେଖାଇବ ବୋଲି କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ, ଏକବିଂଶ ଶତାବ୍ଦୀର ଆବଶ୍ୟକତାକୁ ଧ୍ୟାନରେ ରଖି ନୂଆପିଢ଼ିର ଯୁବକଯୁବତୀ ନିଜକୁ ଦକ୍ଷ କରିବା ମୋଦୀ ସରକାରଙ୍କ ଲକ୍ଷ୍ୟ ରହିଛି । ସ୍କିଲ୍ ଇଣ୍ଡିଆ ମିସନ ଅଧୀନରେ ଓଡ଼ିଶାର ଯୁବପିଢ଼ିଙ୍କୁ ଧନ୍ୟମୂଳକ ତାଲିମ ଦେବାସହ ସେମାନଙ୍କର ଦକ୍ଷତା ବିକାଶ ପାଇଁ ସମ୍ବଲପୁରରେ ସ୍କିଲ୍ ଇଣ୍ଡିଆ ସେଂଟର ପ୍ରତିଷ୍ଠା କରାଯାଇଛି । ସମ୍ବଲପୁରରେ ୪ ହଜାର ବର୍ଗଫୁଟ ପରିମିତ ଜମିରେ ପ୍ରତିଷ୍ଠିତ ଏହି କେନ୍ଦ୍ର ଦକ୍ଷତା ବିକାଶ ଓ ଯୁବ ସଶକ୍ତୀକରଣ ପ୍ରତି ମୋଦୀ ସରକାରଙ୍କ ପ୍ରତିବଦ୍ଧତାର ପ୍ରତୀକ । ଏହି କେନ୍ଦ୍ରରେ ମୋଟ ୫ଟି ଆଧୁନିକ ଲ୍ୟାବ ରହିଛି । ପ୍ରଶିକ୍ଷଣ ନିମନ୍ତେ ୩ଟି ଟ୍ରେଡ଼ିଂ ହଲ୍ ଅଛି । ଯେଉଁଥିରେ ବର୍ଷକୁ ୧୨୦୦ରୁ ବେଶୀ ଯୁବକ ଯୁବତୀ ପ୍ରଶିକ୍ଷିତ ହୋଇପାରିବେ । ସ୍ୱଳ୍ପ ମୂଲ୍ୟରେ ୩ ମାସରେ ୮ଟି ବିଷୟବସ୍ତୁ ଉପରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ପ୍ରଥମ ପର୍ଯ୍ୟାୟ ୨୪୦ ପିଲା ପ୍ରଶିକ୍ଷଣ ନେଇ ଦକ୍ଷ ହେବେ । ମିଡିଆ ଓ ମନୋରଂଜନ, ପର୍ଯ୍ୟଟନ ଓ ଆତିଥ୍ୟ ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତିସେବା ଆଦି ଶିଳ୍ପ କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯିବ ବୋଲି ସେ କହିଥିଲେ । ଏହି ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସମ୍ବଲପୁର ପିଏମଶ୍ରୀ କଳାହର ନବୋଦୟ ବିଦ୍ୟାଳୟରୁ ଲିଡିଓ ଜନଫରେନ୍ସିଂ କରିଥିବାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଉଦ୍‌ଘାଟିତ ଓ ଶିଳାନ୍ୟାସ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଡ଼ିହୋଇଥିଲେ ।

ଜାନବାଇରୁ ୧୭୦ କିମି ପଦଯାତ୍ରା ପରେ ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ମାଲକାନଗିର,୨୧/୨(ନି/ପ୍ର): ଜିଲ୍ଲା ସିପିଆଇ(ଏମ)ର କୋନ ସଂପାଦକ ବ୍ରଜ ମାଝିଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ଆଦିବାସୀ, ଦଳିତ ଓ ଶ୍ରମଜୀବୀ ଲୋକେ ଚିତ୍ରକୋଣ୍ଡା ବ୍ଲକର ଜାନବାଇ ଠାରୁ ମାଲକାନଗିରି ଯାଏ ୧୭୦ କିମି ରାସ୍ତା ପଦଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଥିଲେ । ଏହି ଦାବି ପତ୍ରରେ କେନ୍ଦ୍ର ସରକାର କରିଥିବା ଜଙ୍ଗଲ ଆଇନ ସଂଶୋଧନକୁ ବାତିଲ କରାଯାଉ । ଓଡ଼ିଶାରେ ପେଶା ଆଇନ, ୧୯୯୬ କାର୍ଯ୍ୟକାରୀ ନିମନ୍ତେ ତୁରନ୍ତ ଅଧିନିୟମ ପ୍ରଣୟନ କରାଯାଉ ଏବଂ ଗ୍ରାମ ସଭାକୁ ପୂର୍ଣ୍ଣ ଅଧିକାର ପ୍ରଦାନ କରାଯାଉ । ଜଙ୍ଗଲ ଅଧିକାର ଆଇନ ୨୦୦୬ରେ ପ୍ରତି ଆଦିବାସୀ ପରିବାରକୁ ୧୦ ଏକର ପର୍ଯ୍ୟନ୍ତ ଜମିପଟା ପ୍ରଦାନ କରାଯାଉ । ଆଦିବାସୀମାନଙ୍କୁ ବନ ବିଭାଗ ଦ୍ୱାରା ବେଦଖଲ କରିବା ବନ୍ଦ କରାଯାଉ ।ଜଙ୍ଗଲ ଅଧିକାର ବଳରେ ପାରମ୍ପାରିକ ଅଧିବାସୀମାନଙ୍କୁ ମଧ୍ୟ ଜମି ଦିଆଯାଉ ।ଜଙ୍ଗଲ ଜମି ପାଇଥିବା ଲୋକଙ୍କୁ ଜମି ଚିହ୍ନଟ କରି ଦଖଲ ନେବା ସଙ୍ଗେ ସଙ୍ଗେ ପଟ୍ଟା ଦିଆଯାଉ ।ଜମି ଅଧିଗ୍ରହଣ ବେଳେ ସାମାଜିକ ପ୍ରଭାବ ଆକଳନକୁ ବାଧ୍ୟତାମୂଳକ କରାଯାଉ । ଅଣ ଆଦିବାସୀ ଲୋକେ ଦଖଲ କରିଥିବା ଆଦିବାସୀଙ୍କ ଜମି ଫେରସ୍ତ ପାଇଁ କଡ଼ା କଡ଼ି ବ୍ୟବସ୍ଥା ଗ୍ରହଣ କରାଯାଉ । ଦଖଲରେ ଥିବା ସବୁ ଗରିବ ଭୂମିହୀନ ଲୋକଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଉ । ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ଯୋଗାଣ ଆଇନ (ଏମଜିଏନଆରଜିଏ) ରେ ଦୈନିକ ମଜୁରୀ ୬୦୦ ଟଙ୍କାକୁ ବୃଦ୍ଧି କରି ବାର୍ଷିକ ୨୦୦ ଦିନର କାମ ଦିଆଯାଉ । ମନରେଗା କାମରେ ମେସିନ ବ୍ୟବହାର ଓ ଠିକାଦାର ଦ୍ୱାରା କାର୍ଯ୍ୟକୁ ଅପରାଧିକ କାର୍ଯ୍ୟ ଭାବେ ବିବେଚନା କରାଯାଉ । ଆଗାମୀ ଦିନରେ ଯଦି ଏହି ଦାବିଗୁଡ଼ିକ ପୂରଣ ନ କରାଯାଏ ତେବେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଂପାଦକ ଶ୍ରୀ ମାଝି ଚେତାବନୀ ଦେଇଛନ୍ତି ।



ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ

ଅଚାବିରା,୨୧/୨(ନି/ପ୍ର): ବୁଧବାର ଦିନ ବରଗଡ଼ ଜିଲ୍ଲା ଅଚାବିରା ଥାନା ଅନ୍ତର୍ଗତ ଝିଲିମିଲିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ'ଆନ୍ତର୍ଜାତୀୟ ମାତୃଭାଷା ଦିବସ'ପାଳିତ ହୋଇଯାଇଅଛି ।ଏହି ଅବସରରେ ପରିଚାଳନା ସମିତିର କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରେମାନନ୍ଦ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ସମସ୍ତଙ୍କର ଶୁଭକାମନା କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀଯୁକ୍ତ ମନ୍ମଥ ମହାରଣା ସ୍ୱାଗତ ଭାଷଣ ତଥା ଅତିଥି ଅଧିକାରୀଙ୍କର ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଶ୍ରୀଯୁକ୍ତ କାଳିଚରଣ ହୋତା ଯୋଗଦେଇ ଆନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ଉଦ୍ଦେଶ୍ୟ ଆପନ କରି ଶିଶୁ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଶ୍ରୀଶ୍ରୀ ଜନନୀ ଭୋଗ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଚରିଆ ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁମାନଙ୍କ ଦ୍ୱାରା ଅନ୍ତାକ୍ଷରୀ,ଧନ୍ୟା ଆବୃତ୍ତି,ଘୁଲିଖେଳ,ବଲ୍ଭୁରା, ଲୋକଗୀତ ଓ ପୁସ୍ତକ ପଠନ ପ୍ରତିଯୋଗିତା, ଆଶୁଭାଷଣ,ପ୍ରବନ୍ଧ,ଗଳ୍ପ ଓ କବିତା ରଚନା ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀଙ୍କ ସାହାଯ୍ୟ ଓ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା ।

କ୍ୟାନ୍‌ସର ହସ୍ପିଟାଲ ପ୍ରତିଶ୍ରୁତି ପୂରଣ କଲି: ନବୀନ
'ଓଡ଼ିଶାରେ ୧୧ଟି କ୍ୟାନ୍‌ସର ହସ୍ପିଟାଲ ହେବ'

ବରଗଡ/ବିଜେପୁର,୨୧/୨(ନି/ପ୍ର): 'ବରଗଡ଼ରେ କ୍ୟାନ୍‌ସର ହସ୍ପିଟାଲ ପାଇଁ ମୁଁ କହିଥିଲି । ଆଜି ତାହା ପୂରଣ କରିଛି । ପଶ୍ଚିମ ଓଡ଼ିଶାର ରୋଗୀଙ୍କୁ ଏହା ସେବା ଯୋଗାଇବ । ସାରାରାଜ୍ୟରେ ୧ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟରେ ୧୧ଟି କ୍ୟାନ୍‌ସର ହସ୍ପିଟାଲ କରାଯାଉଛି ।' ଆଜି ବରଗଡ଼ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି । ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ମୁଖ୍ୟମନ୍ତ୍ରୀ ୧୬୭୭ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟରେ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପର ଉଦ୍ ?ଘାଟନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଗସ୍ତ ପରିପ୍ରେକ୍ଷୀରେ ବିଜେପୁରର ଜନାପାଲିଠାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ସାଧାରଣ ବଂଟନ ବ୍ୟବସ୍ଥାରେ ସାରାଦେଶକୁ ଓଡ଼ିଶା ଖାଦ୍ୟ ଯୋଗାଉଛି । ଏଥିରେ ବରଗଡ଼ ଜିଲ୍ଲାର ଚାଷୀଙ୍କ ବହୁତ ବଡ଼ ଅବଦାନ ରହିଛି । ଏବେ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ଜିଲ୍ଲାର ଚାଷୀଙ୍କ ଜମିକୁ ପାଣି ଯୋଗାଇବା ଆରମ୍ଭ ହେଲା । ଏହି ପ୍ରକଳ୍ପରେ ସୋହେଲା, ବିଜେପୁର, ବରପାଲି ସମେତ ସୁବର୍ଣ୍ଣପୁର ଜିଲ୍ଲା ବୁଲୁରିପାଲି ବ୍ଲକର ଚାଷୀ ବିଶେଷଭାବେ ଉପକୃତ ହେବେ । ୬୦ ହଜାର ଏକର ଜମିକୁ ପାଣି ମିଳିବ । ଚାଷୀଙ୍କ ପାଇଁ ଆଜି ଏକ ଖୁସିର ଦିନ ବୋଲି କହିଥିଲେ । ୨୧୪୯ କୋଟି ଟଙ୍କା ମୂଲ୍ୟର ୬୨ଟି ପ୍ରକଳ୍ପର ଉଦ୍‌ଘାଟନ ଗଙ୍ଗାଧର ମେହେର ପ୍ରକଳ୍ପ ପାଇଁ ସନ୍ଦେହ ଥିଲା, ସଫଳ ହୋଇଛି: ୫ଟି ଅଧ୍ୟକ୍ଷ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୧୬୭୭ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟରେ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପ, ୧୦୬ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ୫ ମହଲା କର୍କଟ ରୋଗ ଚିକିତ୍ସା କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ଏହାସହ ୨୨ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ ରୂପାନ୍ତରିତ ନୃସିଂହନାଥ ପୀଠର ଲୋକାର୍ପଣ ସହ ୩୪୨ କୋଟି ୬୯ ଲକ୍ଷ ୬୩ ହଜାର ଟଙ୍କା ବ୍ୟୟରେ ନିର୍ମିତ ୫୯ଟି ବିଭିନ୍ନ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ । ମୋଟ୍ ୨୧୪୯ କୋଟି ମୂଲ୍ୟର ୬୨ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିଲା । ଏଥିସହିତ, ୨୬୩ କୋଟି ୩୩ ଲକ୍ଷ ୧୮ ହଜାର ଟଙ୍କା ବ୍ୟୟରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ବି ଭିତିପ୍ରସ୍ତର ସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଯୋଗଦେବେ ଜଳସମ୍ପଦ ମନ୍ତ୍ରୀ ବୁଲୁନି ସାହୁ ମୁଖ୍ୟମନ୍ତ୍ରୀ ଅନେକ ବଡ଼ ବଡ଼ ଜଳସେଚନ ପ୍ରକଳ୍ପ ସବୁ କରୁଛନ୍ତି ବୋଲି କହିଥିଲେ । ସେହିପରି, ମୁଖ୍ୟମନ୍ତ୍ରୀଙ୍କ ବରଗଡ଼ ଜିଲ୍ଲା ପ୍ରତି ସ୍ୱତନ୍ତ୍ର ବୃଷ୍ଟି ରହିଥିବା କହିଥିଲେ ଏହି ପୋଷ୍ଟ ଅଫିସର ପୁନଃଉଦ୍ଧାର ହୋଇଥିଲା । ଭାରତୀୟ ଡାକ ସେବାର ଗୌରବମୟ ଇତିହାସ, ସାମାଜିକ ଓ ସାଂସ୍କୃତିକ ମହତ୍ୱକୁ ଦୃଷ୍ଟିରେ ରଖି ପୋଷ୍ଟ ଅଫିସକୁ ଐତିହ୍ୟ ପୋଷ୍ଟଅଫିସର ନାମକରଣ କିଆଯାଇଥିଲା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

ଝାରସୁଗୁଡ଼ା ମୁଖ୍ୟ ଡାକଘର ଐତିହ୍ୟ ଭବନ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଝାରସୁଗୁଡ଼ା,୨୧/୨(ନି/ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ନିଜସ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ ହୋଇଥିବା ଝାରସୁଗୁଡ଼ାର ମୁଖ୍ୟ ଡାକଘର ଐତିହ୍ୟ ଭବନ ପରିଦର୍ଶନ କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ସ୍ୱାଧୀନତା ପୂର୍ବରୁ ଝାରସୁଗୁଡ଼ା ସମେତ ଆଖପାଖ ଅଂଚଳକୁ ଅର୍ଥନୈତିକ ସେଷ୍ଟସୁକାରେ ପରିଣତ କରିବା ଦିଗରେ ୧୮୯୨ ମସିହାରେ ସ୍ଥାପିତ ଏହି ପୁରୁଣା ପୋଷ୍ଟ ଅଫିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । କେନ୍ଦ୍ର ଦୂରସଂଚାର, ରେଳ, ଇଲେକ୍ଟ୍ରନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସେ ଅନୁରୋଧ କରିବା ପରେ ବ୍ରିଟିଶ ଶାସନର ମୁକସାକ୍ଷୀ ହୋଇଥିବା ମା ପାଟଣେଶ୍ୱରୀ ମନ୍ଦିର ଉନ୍ନତିକରଣ ପାଇଁ ସମ୍ପୂର୍ଣ୍ଣ ନକ୍ସା ପରିବର୍ତ୍ତନ ବଲାଙ୍ଗିର,୨୧/୨(ନି/ପ୍ର): ବଲାଙ୍ଗିର ରପାଟଣା ଷଷ୍ଠଦେବୀ ମାଁ ପାଟଣେଶ୍ୱରୀ ମନ୍ଦିରର ଉନ୍ନତିକରଣ ପାଇଁ ଗତ ୩ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ହୋଇଥିବା ବେଳେ ଫେବୃୟାରୀ ମାସ ୯ ତାରିଖ ରେ ଦେବୋତର ବିଭାଗ ଓ ପୂର୍ତ୍ତ ବିଭାଗ ପୂଜାର୍ଚ୍ଚନା କରି ମାଁ ଙ୍କ ଆଜ୍ଞାମାଳ ଆଣି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ମନ୍ଦିରର ସମ୍ପୂର୍ଣ୍ଣ ନକ୍ସା ପରିବର୍ତ୍ତନ କରାଯାଇଛି ବୋଲି ପୂର୍ତ୍ତ ବିଭାଗ ସୂଚନା ଦେଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଗେଟ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ଦେବାଳୟ ସୁରକ୍ଷା କମିଟିକୁ ସୂଚନା ପ୍ରଦାନ କରିଛନ୍ତି । ପାଟଣେଶ୍ୱରୀ ମନ୍ଦିରକୁ ୧ କୋଟି ୧୨ ଲକ୍ଷ ଟଙ୍କା ଆସିଥିବା ବେଳେ ସିସିଏମ୍ କଂଟର ପ୍ରାଇଭେଟ୍ ପ୍ରୋଜେକ୍ଟ ନିର୍ମାଣ ସଂସ୍ଥା ଦ୍ୱାରା କାର୍ଯ୍ୟ ଚାଲିଥିବା ବେଳେ ଯଜ୍ଞ ମଣ୍ଡପ, ଦୀପ ଘର, ରୋଷେଇ ଘର, ଦେବୀ ପରିକ୍ରମା ହେବା ସଙ୍ଗେ ଓ ମନ୍ଦିରର ସୌନ୍ଦର୍ଯ୍ୟକରଣ ହେବ ବୋଲି ସମ୍ପୂର୍ଣ୍ଣ ନକ୍ସାରେ ଉଲ୍ଲେଖ କରାଯାଇଛି । ଏହି ମନ୍ଦିର କାର୍ଯ୍ୟ ସମାପନ ତା.୨.୦୫.୨୦୨୪ ରେ ହେବ ବୋଲି ସୂଚନା ଦେଇଛି ଦେବୋତର ବିଭାଗ ଓ ପୂର୍ତ୍ତ ବିଭାଗ । ସେହିପରି ମା ସମଲେଶ୍ୱରୀ ଓ ଗୋପାଳକୀ ମନ୍ଦିର ସୌନ୍ଦର୍ଯ୍ୟକରଣ ଓ ନିର୍ମାଣ କାମ ଆଗେଇଛି ବୋଲି ଦେବାଳୟ ସୁରକ୍ଷା କମିଟିକୁ ସୂଚନା ଦେଇ ଥିବା ଆବାହକ ପ୍ରଶାନ୍ତ ମହାକୁଡ ପ୍ରେସ କରିଆରେ ଜଣାଇଛନ୍ତି

ମାଟ୍ରିକ୍ ପରୀକ୍ଷା ପୂର୍ବରୁ ଜୀବନ ହାରିଲେ ପରୀକ୍ଷାର୍ଥୀ

ବଲାଙ୍ଗିର,୨୧/୨(ନି/ପ୍ର): ମାଟ୍ରିକ୍ ପରୀକ୍ଷା ପୂର୍ବରୁ ଜଣେ ପରୀକ୍ଷାର୍ଥୀ ଜୀବନ ହାରିଥିବା ଭଳି ଦୁଃଖଦ ଖବର ମିଳିଛି । ଜାମାକ୍ଷାନାଗର ବିଶ୍ୱାମ୍ଭା ବିଦ୍ୟାଳୟ ହଷ୍ଟେଲରେ ଜଣେ ଛାତ୍ର ଆତ୍ମହତ୍ୟା କରିଥିବା ପ୍ରାରମ୍ଭିକ ସୂଚନାରୁ



ଜଣାଯାଇଛି । ହଷ୍ଟେଲରୁ ଝୁଲନ୍ତା ଅବସ୍ଥାରେ ଛାତ୍ରଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଉଛନ୍ତି ବିନାୟକ ପ୍ରଧାନ । ଆଜି ସେ ମାଟ୍ରିକ୍ ପରୀକ୍ଷା ଦେଇଥାନ୍ତେ । ହେଲେ ବିଳମ୍ବିତ ରାତିରେ ସେ ରହୁଥିବା ହଷ୍ଟେଲର ଗାଧୁଆ ଘରେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଇଛି । ସେ ଗାମୁଛା ଲଗାଇ ଝୁଲି ପଡ଼ିଥିବା ଆଜି ସଭାକେ ଅନ୍ୟ ଛାତ୍ରମାନେ ଦେଖିବାକୁ ପାଇଥିଲେ । ଏହା ପରେ ତାଙ୍କୁ ତୁରନ୍ତ ଭୀମ ଭୋଇ ମେଡିକାଲକୁ ନିଆଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରୀକ୍ଷା ଚାପରେ ସେ ଜୀବନ ହାରିଥିବା ସନ୍ଦେହ କରାଯାଉଛି ।

ସୁସ୍ଥ ପରିବେଶ ପାଇଁ ସାଥୀର ଅତିରିକ୍ତ ଜିଲ୍ଲାପାଳ ସହ ଆଲୋଚନା

ରାଉରକେଲା, ୨୧/୨ (ନି/ପ୍ର): ସ୍ମାର୍ଟ ସିଟି ରାଉରକେଲା ର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସାଥୀ ବାର୍ଷି ୨୫ ବର୍ଷ ହେବ ଭାଷା, ସଂସ୍କୃତି ତଥା ପରିବେଶ ସୁରକ୍ଷା ଉପରେ କାର୍ଯ୍ୟ କରିଆସୁଛି । ପରିବେଶ ବଚିଂଲେ ଆମେ ବଚିଂବା ।ଏହି ଲକ୍ଷ୍ୟକୁ ନେଇ ବିଭିନ୍ନ ସମୟରେ ସହରର ପରିମିତ ବ୍ୟବସ୍ଥା ହେଉ କିମ୍ବା ବାୟୁ ପ୍ରଦୂଷଣ ସମସ୍ୟା ହେଉ, ସାଥୀ ସବୁ ସମୟରେ ନିଜର ସ୍ୱର ଉତ୍ତୋଳନ କରିବା ସହ ନିଜର ଉତ୍ତରଦାୟିତ୍ୱ ନିର୍ବାହ କରିଆସିଛି । ଏହି କ୍ରମରେ ଆଜି ସାଥୀ ର କର୍ମକର୍ତ୍ତାଗଣ ସଭାପତି ସଦାନନ୍ଦ ସାହୁ ଙ୍କ ନେତୃତ୍ୱରେ ରାଉରକେଲା ମହାନଗର ନିଗମ ର ଆୟୁକ୍ତ ତଥା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ ଲୁଇକର୍ଣ୍ଣିଙ୍କୁ ମହାନଗର ନିଗମ କାର୍ଯ୍ୟାଳୟରେ ସାକ୍ଷାତ କରି ସହରରେ ଅବାଧରେ ଚାଲିଥିବା ସିଙ୍ଗଲ ୟୁଜ ପ୍ଲାଷ୍ଟିକ ତଥା ଥର୍ମକୁଲ ର ବହୁଳ ବ୍ୟବହାର ର ପ୍ରାଦୁର୍ଭାବ ସମ୍ପର୍କରେ ଆଲୋଚନା କରିଥିଲେ । ସାଥୀ ପକ୍ଷରୁ ଅଭିଯୋଗ ହୋଇଥିଲା ଯେ ଦିନକୁ ଦିନ ସହରରେ ଏସବୁ ପଦାର୍ଥର ବିକ୍ରି ଉପରେ କଟକଣା ଥିବା ସତ୍ତ୍ୱେ ସହରର କିଛି ବ୍ୟବସାୟୀ ଏ ସମ୍ପର୍କିତ ପ୍ରଶାସନ ର ନିର୍ଦ୍ଦେଶକୁ ଫୁ କରି ଉଡେଇଦେବା ତଥା ଖାମଖିଆଲି ମନୋଭାବ ଯୋଗୁଁ ଏହାର ବ୍ୟବହାର ଉପରେ ଅଙ୍କୁଶ ଲଗାଯାଇପାରୁନାହିଁ । ଶ୍ରୀ ସାହୁ ଏ ସମ୍ପର୍କରେ ମହାନଗର ନିଗମ ଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରି ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ନିକଟରେ ପ୍ରକାଶିତ ସ୍ୱଚ୍ଛ ସର୍ଭେକ୍ଷଣ ତାଲିକା ରେ ରାଉରକେଲା ର ସ୍ଥାନ ୪୩ତମ ସ୍ତରରୁ ୧୧୯ ତମ ସ୍ଥାନକୁ ଖସି ଯାଇଥିବାରୁ, ସାଥୀ ର ସଦସ୍ୟ ମାନେ ମଧ୍ୟ ଏହା ଉପରେ ଦୃଷ୍ଟି ଆକର୍ଷଣ କରି ପୁନଶ୍ଚ କିପରି ଆମ ପ୍ରିୟ ସହର ରାଉରକେଲାର ସ୍ଥାନ ପୁନଶ୍ଚ କିପରି ସ୍ୱଚ୍ଛତାରେ ଉପରେ ରହିବ, ସେ ସମ୍ପର୍କରେ ଆଲୋଚନା କରିଥିଲେ । ଏହାସହ ସହରର ପ୍ରତ୍ୟେକ ଉନ୍ନତିମୂଳକ କାର୍ଯ୍ୟରେ ସାଥୀ ଅନୁଷ୍ଠାନ ନିଜର ସହଯୋଗ ଜାରି ରଖିବାକୁ ବଦ୍ଧ ପରିକର ବୋଲି ଆୟୁକ୍ତଙ୍କୁ ସୂଚନା ଦେଇଥିଲେ । ମହାନଗର ନିଗମ ଆୟୁକ୍ତ ଶ୍ରୀ ଲୁଇକର୍ଣ୍ଣି ଏ ସମସ୍ତ କଥାକୁ ଧୈର୍ଯ୍ୟର ସହ ଶୁଣିବା ସହ ସମସ୍ତ ସମସ୍ୟାର ସମାଧାନ କରିବାକୁ ଖୁବଶୀଘ୍ର ପଦକ୍ଷେପ ନେବେ ବୋଲି ସାଥୀ ର କର୍ମକର୍ତ୍ତାଙ୍କୁ ଆଶ୍ୱାସନ ଦେଇଥିଲେ । ଏହି ପ୍ରତିନିଧି ମଣ୍ଡଳରେ ସାଥୀ ସମ୍ପାଦକ ରଜନୀକାନ୍ତ ସ୍ୱାଇଁ, ଭାଗବତ ପ୍ରସାଦ ସାହୁ, ଶ୍ରୀକାନ୍ତ ସାମଲ, ଗଣେଶ ବଡାଇକ, ଭାଗ୍ୟଧର ରାଉତ, କାର୍ଣ୍ଣିକ ନାୟକ, ପ୍ରଦୀପ୍ତ କୁମାର ରାଉତ, ଦଶରୁ କିଷାନ, ସୁବାଷ କିଣ୍ଡୋ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ସପ୍ତମ ଫେଡେରେସନ କପ୍ ଉଷୁ ପ୍ରତିଯୋଗୀତା

ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ ରାଉରକେଲାର ୪ ଖେଳାଳୀ

ରାଉରକେଲା, ୨୧/୨ (ନି/ପ୍ର): ଭାରତୀୟ ଉଷୁ ସଂଘ ଦ୍ୱାରା ଝାଡଖଣ୍ଡ, ରାଚିଁ ସହରର ଠାକୁର ବିଶ୍ୱନାଥ ସହଦେବ ଇନଡୋର ଷ୍ଟାଡିୟମ ଠାରେ ଆସନ୍ତା ଜାଲି ୨୨ ତାରିଖ ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ସପ୍ତମ ଫେଡେରେସନ କପ୍ ଉଷୁ ପ୍ରତିଯୋଗୀତା । ଏହି ପ୍ରତିଯୋଗିତାରେ ସମଗ୍ର ଦେଶରୁ ୧୬୦୦ ଜଣ ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶ ଗ୍ରହଣ କରି ବିଭିନ୍ନ ବର୍ଗରେ ପ୍ରତିଦ୍ୱନ୍ଦିତା କରିବେ । ଡିଷ୍ଟିଙ୍କ ସ୍ପୋର୍ଟସ ଉଷୁ ଆସୋସିଏସନ ଅଫ୍ ସୁନ୍ଦରଗଡ ନେତୃତ୍ୱରେ ରାଉରକେଲାର ୪ଜଣ ଖେଳାଳୀ ଓ ୨ଜଣ ଅଧିକାରୀ, ୧୬ ଜଣିଆ ଓଡିଶା ଦଳ ସହ ଆଜି ରାଚିଁ ଯାତ୍ରା କରିଛନ୍ତି । ୬୦କେଜି ପୁରୁଷ ବର୍ଗରେ ଦେବବ୍ରତ ଯାଦବ, ୬୫କେଜି ବର୍ଗରେ ଆକାଶ ପୂରନ, ୪୮କେଜି ମହିଳା ବର୍ଗରେ ରିତା ଠାକୁର ଏବଂ ଡାଉଲୁ ବର୍ଗରେ ଅମିତ ଶର୍ମା ପ୍ରତିଦ୍ୱନ୍ଦିତା କରିବେ । ଜିଲ୍ଲା ଉଷୁ ସଂଘର ସାଧାରଣ ସମ୍ପାଦକ ସୁଜନ ରଥ ଓଡିଶା ଦଳର କୋଚ୍ ହୋଇ ଦଳରେ ସାମିଲ ହୋଇଥିବା ବେଳେ ନ୍ୟାସନାଲ ଜୁଡୋ ଟିକା ବାହାଦୁର ଟେକ୍ନିକାଲ ଅଫିସର ଭାବେ ଏଥିରେ ସାମିଲ ହୋଇଛନ୍ତି । ରାଜ୍ୟ ଉଷୁ ସଂଘର କୌଶଳ ଅଧିକାରୀ ପ୍ରଦ୍ୟୁମ୍ନ ଦେହେରା ଓଡିଶା ଦଳର ନେତୃତ୍ୱ ନେଉଛନ୍ତି । ରାଜ୍ୟ ଉଷୁ ସଂଘର ଅଧକ୍ଷ ଙ୍କ ସୁଧାଂଶୁ ଶେଖର ହରିଚନ୍ଦନ ସମେତ ଜିଲ୍ଲା ଉଷୁ ସଂଘ ସ୍ୱାସର ସଭାପତି ବିର୍ଜିନାରାୟଣ ପଟ୍ଟନାୟକ, ଉପସଭାପତି ରିତିକ୍ ପଣ୍ଡା ସୁଗୁ ସମ୍ପାଦକ ଅଜୟ ଲାଡ଼ା, ଜିଲ୍ଲା କ୍ରୀଡା ଅଧିକାରୀ ସୁବୀଷ୍ମ କୁମାର ନାୟକ, ପିଡବ୍ଲୁଡି ସୁପରିଟେଣ୍ଡିଂ ଇଞ୍ଜିନିୟର ମନୋଜ କୁମାର ମହାନନ୍ଦ ସହରର ବିଭିନ୍ନ ଖେଳ ଅନୁଷ୍ଠାନ ଜିଲ୍ଲା ଉଷୁ ଦଳର ସଫଳତା ପାଇଁ ସୁଭେଚ୍ଛା ଜଣାଇବା ସହ ସଫଳତା ଆଶାବ୍ୟକ୍ତ କରିଛନ୍ତି ।

ନିଖିଳ ଓଡିଶା ଗୃହ ମଜଦୁର ସଭା ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ

ରାଉରକେଲା ,୨୧/୨(ନି/ପ୍ର): ନିଖିଳ ଓଡିଶା ଗୃହ ମଜଦୁର ସଂଘ, ରାଉରକେଲା ପକ୍ଷରୁ ଆଜି ସୁଗୁ ଶ୍ରମ ସଂସ୍ଥାପକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ଓ ଶ୍ରମମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ସୁଗୁ ଶ୍ରମ ସଂସ୍ଥାପକଙ୍କୁ ପ୍ରଦାନ କରାଯାଇଛି । ଏହି ଦାବୀଗୁଡିକ ମଧ୍ୟରେ ଘରୋଇ ଶ୍ରମିକଙ୍କ ପାଇଁ ଏକ ବିଶ୍ୱସ୍ତ ଆଇନ୍ ପ୍ରଣୟନ କରାଯିବା ସହ ସରକାର, ନିଯୁକ୍ତିଦାତା ଓ ଶ୍ରମିକମାନଙ୍କର ୫୦ପ୍ରତିଶତ ସଦସ୍ୟଙ୍କୁ ନେଇ ତ୍ରିପାକ୍ଷିକ ବୋର୍ଡ ଗଠନ କରାଯିବା ପାଇଁ ଦାବୀ କରାଯାଇଛି । ନିଯୁକ୍ତିଦାତା, ସୁପରମେଟ ଏଜେନ୍ସି ଏବଂ ଶ୍ରମିକମାନଙ୍କ ବାଧ୍ୟତାମୂଳକ ପଞ୍ଜୀକରଣ କରାଯିବା ସହିତ ଘରୋଇ ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ପାଇଁ ସେମାନଙ୍କ ଠାରୁ ବାର୍ଷିକ ଅବଦାନ ସଂଗ୍ରହ କରାଯାଉ । ଘରୋଇ ଶ୍ରମିକମାନଙ୍କ କାର୍ଯ୍ୟ ସ୍ଥାନ, ପ୍ରତିଷ୍ଠା ଓ କର୍ମକ୍ଷେତ୍ର ଭାବରେ ଚିହ୍ନଟ କରାଯିବା ଆବଶ୍ୟକ । ଘରୋଇ ଶ୍ରମିକମାନଙ୍କୁ ଇଏସ୍ଆଇ, ପ୍ରୋଭିଡେଣ୍ଟ ଫଣ୍ଡରେ ଅନ୍ତର୍ଭୁକ୍ତ କରାଯାଉ । ଗୃହ ଅଧିକାର ଓ ସହରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ସଂଘ ପକ୍ଷରୁ ଦାବୀ କରାଯାଇଛି । ଗୃହ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ କରାଯାଉ ବୋଲି ସଂଘ ପକ୍ଷରୁ ଦାବୀ କରାଯାଇଛି । ଯଦି ନିର୍ବାଚନ ପୂର୍ବରୁ ସରକାର ଘରୋଇ କର୍ମୀଙ୍କୁ ନିଜସ୍ୱ ପରିଚୟ ପତ୍ର ପ୍ରଦାନ ନକରନ୍ତି, ତା'ହେଲେ ଏପରିବାର ଭୋଟ ବର୍ଜନ କରିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ବିକ୍ଷୋଭରେ ହିନ୍ଦ ମଜଦୁର ସଭାର ସମ୍ପାଦକ ବିଗରର ମହାଜିଙ୍କ ସମେତ ନିଖିଳ ଓଡିଶା ଗୃହ ମଜଦୁର ସଭାର ସଭାପତି ଚନ୍ଦନ ରାଉ,ପୁଷ୍ପା ବେଜ, ପ୍ରମିଳା କିଣ୍ଡୋ, ସୁରବଲୀ ବାଗ, ଦୁଧା ବାରିକ୍, ଜୟଲକ୍ଷ୍ମୀ ସିଂହ, ଚନ୍ଦ୍ରକାନ୍ତୀ ଭୋଇ, ତୁଳସୀ ନାଗ, ସବିତା ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

ପଦକ ବିଜେତା ଭାରତୀୟ ହକି ଦଳରେ ସାମିଲ

ଓଡ଼ିଶାର ଖେଳାଳିଙ୍କୁ ନଗଦ ପୁରସ୍କାର ଘୋଷଣା କଲେ ରାଜ୍ୟ ସରକାର

ରାଉରକେଲା, ୨୧/୨ (ନି/ପ୍ର): ରାଜ୍ୟର ହକି ଖେଳାଳିଙ୍କ ଉଲ୍ଲେଖନୀୟ ସଫଳତାକୁ ସମ୍ମାନ ଜଣାଇ ରାଜ୍ୟ ସରକାର ନଗଦ ପୁରସ୍କାର ଘୋଷଣା କରିଛନ୍ତି । ଅନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିନିଧିତ୍ୱ କରି ଓଡ଼ିଶାର କ୍ରୀଡ଼ା ଐତିହ୍ୟକୁ ପରିଚୟ ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯିବ ଓ ଚେନ୍ନାଇରେ ଅନୁଷ୍ଠିତ ୨୦୨୩ ପୁରୁଷ ଏସିଆନ ଚାମ୍ପିୟନଶିପ୍ ଟ୍ରଫି ଏବଂ ଝାଡ଼ଖଣ୍ଡାରେ ଆୟୋଜିତ ୨୦୨୩ ମହିଳା ଏସିଆନ ଚାମ୍ପିୟନଶିପ୍ ଟ୍ରଫିରେ ଭାରତର ପ୍ରତିନିଧିତ୍ୱ କରୁଥିବା ବେଳେ ଅମିତ ରୋହିଦାସ ଓ ଦୀପଗ୍ରେସ୍ ଏକ୍କାଙ୍କୁ ଯଥାକ୍ରମେ ୩,୭୫,୦୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯିବ । ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ହେଉଛି ପ୍ରତି ଦୁଇ ବର୍ଷରେ ଆୟୋଜିତ ହେଉଥିବା ଏକ ମହାଦେଶୀୟ ପ୍ରତିଯୋଗିତା । ଓମାନର ମସ୍କଟାରେ ଅନୁଷ୍ଠିତ ଏଫ୍ଆଇଏଚ୍ ହକି ୫ଏସ୍ ମହିଳା ବିଶ୍ୱକପ୍ ୨୦୨୪ର ପ୍ରଥମ ସଂସ୍କରଣରେ ଗୌପ୍ୟ ପଦକ ଜିତିଥିବା ଭାରତୀୟ ମହିଳା ହକି ଦଳରେ ସ୍ଥାନ ପାଇଥିବା ମାରିଆନା କୁଜୁର, ଲେଖାଟି ଛତ୍ରୀ ଓ ଅଜମିନା କୁଜୁରଙ୍କୁ ୧୨,୫୦,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ଏଫଆଇଏଚ୍ ହକି ବିଶ୍ୱକପ୍ ପ୍ରତି ଚାରି ବର୍ଷରେ ଆୟୋଜନ କରାଯାଏ ।

ବିସ୍ଥାପିତଙ୍କ ଦ୍ୱାରା ଏଡ଼ିଏମ କାର୍ଯ୍ୟାଳୟ ଘେରାଉ

ରାଉରକେଲା ,୨୧/୨(ନି/ପ୍ର): ୩୨ ମୌଜା ବିସ୍ଥାପିତ ସଂଘ ଦ୍ୱାରା ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଏହି ଘେରାଉ ୩୨ ମୌଜା ବିସ୍ଥାପିତ ସଂଘର ଅଧ୍ୟକ୍ଷ ଖଡ଼ା କୁଜୁରଙ୍କ ନେତୃତ୍ୱରେ କରାଯାଇଥିଲା । ପରେ ଏକ ପ୍ରତିନିଧି ମଣ୍ଡଳ ନୂତନ ଏଡ଼ିଏମଙ୍କୁ ଭେଟି ଆରଏସପିରେ ଚାକିରି କୁ ନେଇ ବିଗତ କିଛି ବର୍ଷରୁ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଛି । ସଂଘ ପକ୍ଷରୁ ବିସ୍ଥାପିତଙ୍କ ଡ଼ିଭ୍ୟୁମେଣ୍ଟ ମଧ୍ୟ ଏଡ଼ିଏମ କାର୍ଯ୍ୟାଳୟ ଜରିଆରେ ଆରଏସପିକୁ ପଠାଯାଇଛି । କିନ୍ତୁ ଏପର୍ଯ୍ୟନ୍ତ ଜଣେ ବିସ୍ଥାପିତଙ୍କୁ ମଧ୍ୟ ଚାକିରି ପ୍ରଦାନ କରାଯାଇଛି । କେବଳ ପ୍ରତିଶ୍ରୁତି ଉପରେ ପ୍ରତିଶ୍ରୁତି ଆରଏସପି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଆଯାଇଛି । ୩ ଥର ଆରପିଡ଼ିସି ବୈଠକ ହେବା ସହ ମୁଖ୍ୟମନ୍ତ୍ରୀ ସମେତ ଅନ୍ୟ ରାଜ୍ୟର ମନ୍ତ୍ରୀମାନଙ୍କୁ ସଂଘର ପ୍ରତିନିଧିମାନେ ଭେଟି ସାରିଛନ୍ତି । କିନ୍ତୁ ଚାକିରିକୁ ନେଇ କୌଣସି ଲିଖିତ ପ୍ରତିଶ୍ରୁତି ଦିଆଯାଇ ନାହିଁ । ଆଜି ଏଡ଼ିଏମ ବିସ୍ଥାପିତ ସଂଘର ପଦାଧିକାରୀଙ୍କ ସହ ଆଲୋଚନା କରିଥିଲେ । ଶୀଘ୍ର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ଏ ବିଷୟ ପ୍ରତି ଗୁରୁତ୍ୱ ଦେବା ପାଇଁ କହିଥିଲେ । ଅନ୍ୟ ପଟେ ସଂଘ ପକ୍ଷରୁ ଶୀଘ୍ର ଆରପିଡ଼ିସି ବୈଠକ କରି ଏହିସମସ୍ୟାର ସମାଧାନ କିପରି କରାଯିବ ତା ଉପରେ ଗୁରୁତ୍ୱ ଦିଆଯାଉ । ନଚେତ୍ ବିସ୍ଥାପିତଙ୍କ ଖାଲି ଜମିକୁ ଫେରନ୍ତ କରାଯାଉ । ଆଜି ୭୨ ମୌଜା ବିସ୍ଥାପିତ ସଂଘର ଖଡ଼ା କୁଜୁର, ସଂପାଦକ ସୁଜନ ଖାଲକୋ, ଯୁଗୁ ସଂପାଦକ ଯୋଗିଆ କୁଜୁର, ସୁନିତା ମିଞ୍ଜ, ସଫେରିଆ ଆଇନ, ବିଜୟ ଲାକ୍ରା, ଲକ୍ଷ୍ମୀ ଭୂମିଜ, ଅନିଲ ଲାକ୍ରା, ଶଙ୍କର ନାଗ, ଶଙ୍କର ମେହେଡା, ବସନ୍ତ ଖିଲାର, ଶଙ୍କର ଓରାମ ସମେତ ଶତାଧିକ ବିସ୍ଥାପିତ ଧାରଣାରେ ସାମିଲ ଥିଲେ ।

ନନା ଇଲେଭେନକୁ ହରାଇ ରେବୁଲ ଟାଇଗର ଚମ୍ପିୟନ

ଯାଜପୁର,୨୧ । ୨(ନି/ପ୍ର): ଗତ ବୁଧ ଦିନ ଧରି ବରୀ ବୁଲର ବାଜିଁ ଖେଳ ପଡ଼ିଆ ଠାରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ନନା ଇଲେଭେନ୍ (ବୋଇଚାଲୁ ପାଟଣା) କୁ ହରାଇ ରେବୁଲ ଟାଇଗର ଦଳ ଚମ୍ପିୟନ ହୋଇଛି । ପ୍ରଥମେ ନନା ଇଲେଭେନ୍ ବ୍ୟାଟି କରି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ରେବୁଲ ଟାଇଗର ମାତ୍ର ୩ ଉଇକେଟ ହରାଇ ବିଜୟୀ ହୋଇଥିଲା । ପରେ ଏଥିନେଇ ଆୟୋଜିତ ଏକ ସଭାରେ ବାଜିଁ ଧାନଧାରୀ ସବ୍ୟ ସାହିତ୍ୟ ସାଂସ୍କୃତିକ ସଂସଦର ସାଧାରଣ ସଂପାଦକ ଅଶୋକ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳ ରେବୁଲ ଟାଇଗର କୁ ନଗଦ ୫ହଜାର ଟଙ୍କା ଟ୍ରଫି ପ୍ରଦାନ କରିଥିଲେ । ସେହିପରି ନାନା ଇଲେଭେନକୁ ନଗଦ ୩ହଜାର ଟଙ୍କା ରନର୍ସ ଅପ ପ୍ରଦାନ କରିଥିଲେ । ଚାଛଡା ବେଷ୍ଟ ଭଲେଟିଂସର ଭାବେ ବୁଲୁ ମଲିକଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ ।କ୍ୟାପଟେନ ରତିକାନ୍ତ ମଲ୍ଲିକ ଏହି ମ୍ୟାଚରେ ଆମ୍ପାୟର ଭାବେ ଦାୟିତ୍ୱ ତୁଲାଇଥିଲେ ।

ହନୁମାନ ଭାଟିକାର ୩୦ତମ ବାର୍ଷିକୀ ଉତ୍ସବ ଆରମ୍ଭ

ରାଉରକେଲା, ୨୧/୨(ନି/ପ୍ର): ଜୟ ହନୁମାନ ଭାଟିକା ଟେରିଟେବୁଲ୍ ଟ୍ରଷ୍ଟର ୩୦ତମ ବାର୍ଷିକୋତ୍ସବ ଫେବୃଆରୀ ୨୧ ରୁ ୨୩ ଫେବୃଆରୀ ପର୍ଯ୍ୟନ୍ତ ପାଳନ କରାଯାଉଛି । ସୂଚନୀୟ ଯେ, ଟ୍ରଷ୍ଟର ଚେୟାରମ୍ୟାନ୍ ଦିଲୀପ ରାୟଙ୍କ ନେତୃତ୍ୱରେ ପ୍ରତିବର୍ଷ ଏହି ବାର୍ଷିକ ଉତ୍ସବ ପାଳନ କରାଯାଏ ଏବଂ ଯଜ୍ଞ ସମେତ ବିଭିନ୍ନ ପ୍ରକାରର ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଏ । ଆଜି ମଧ୍ୟ ଅନେକ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ଆୟୋଜନ କରାଯାଇଛି । ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଏକ ଆଧ୍ୟାତ୍ମିକ ଓ ଆନନ୍ଦଦାୟକ ପରିବେଶ ସୃଷ୍ଟି କରିଛି । ଏହି ଯଜ୍ଞ ସମାରୋହରେ ଟ୍ରଷ୍ଟ ସମ୍ପାଦକ ଶୁଭ ପଟ୍ଟନାୟକ ଏବଂ ତାଙ୍କ ପତ୍ନୀ ସୁଲତା ପଟ୍ଟନାୟକ କର୍ତ୍ତା ଭାବରେ ଅଂଶଗ୍ରହଣ କରିଥିଲେ । ଟ୍ରଷ୍ଟ ସମ୍ପାଦକ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏହି ତିନି ଦିନିଆ ଅଖଣ୍ଡ ଯଜ୍ଞରେ ପାଚଁ ହଜାର ଥର ମାଳା ଜପ କରାଯିବ, ଯାହା ବିଶ୍ୱ ଶାନ୍ତି ପାଇଁ ପ୍ରଭାବଶାଳୀ ହୋଇପାରିବ । ଯଜ୍ଞ ସମାପ୍ତି ଏବଂ ପୂର୍ଣ୍ଣାହୁତି ୨୩ ଫେବୃଆରୀ ଦିନ ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବ । ଏହା ପରେ ସନ୍ଧ୍ୟା ୬ଟାରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ସେଉଁଥିରେ ସମସ୍ତ ଭକ୍ତଙ୍କୁ ନିମନ୍ତ୍ରଣ